### ବ୍ରାହ୍ମଣୀ ଓ ଖରସ୍ରୋତା ବାଲିଘାଟରୁ ବେଆଇନ ବାଲି ଉଠାଣ

# ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟର ବିରୋଧ

**କୁଆଖିଆ, ୮ ।୨(ସମିସ)**

ରସୁଲପୁର ବ୍ଲକ ସମୀନ୍ତବର୍ତ୍ତୀ ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ବେଆଇନ ଭାବେ ବାଲି ଉଠାଣ କରାଯାଉଛି । ଏ ନେଇ ବିଭିନ୍ନ ମହଲରୁ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଉଛି। ଅଧିକାରଙ୍କ ସ୍ଥାଣୁତା ଯୋଗୁଁ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ଏଭଳି ଭାବେ ଦୈନିକ ଶହ ଶହ ଟ୍ରିପ୍ ବାଲି ବେଆଇନ ଭାବେ ଚାଲଣ କରାଯାଉଛି। ରାଜସ୍ୱ ହାନୀ ଘଟିବା ସହ ସାଧାରଣ ଲୋକଙ୍କୁ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ସ୍ଥିତି ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ପରିଲକ୍ଷିତ ହେଉଛି। ଏହାକୁ ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କଡ଼ା ବିରୋଧ କରାଯାଇଛି।

ଖରସ୍ରୋତା ନଦୀର ଖଣ୍ଡିତର ନିକଟରୁ ବେଆଇନ ଭାବେ ଚାଲିଥିବା ବାଲିଘାଟ ଅନ୍ୟତମ ଅଟେ। ଏହି ଘାଟରୁ ବେଆଇନ ବାଲି ଚାଲାଣକୁ ସାମାଜିକ ସଂଗଠନ ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିରୋଧ କରାଯାଇଛି। ଟ୍ରଷ୍ଟର ସଭାପତି ଗୟାଧର ମଲିକ ଓ ଅନ୍ୟ କର୍ମକର୍ତ୍ତା ଏ ଦିଗରେ ରସୁଲପୁର ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରି ତାଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। ତହସିଲ ପ୍ରଶାସନର ଟାଳଟୁଳ ନୀତି ଯୋଗୁଁ ବାଲିମାଫିଆ ବେଫିକର ବାଲିଚାଲଣ କରୁଛନ୍ତି। ମୋଟାମୋଟି କହିବାକୁ ଗଲେ ଏଠାରେ ପ୍ରଶାସନିକ ଅଧିକାରୀ ବେଆଇନ ବାଲିଚାଲଣକୁ ବନ୍ଦ କରିବାରେ ବିଫଳ ହୋଇଛନ୍ତି। ଏଭଳି ଘଟଣାକୁ ନେଇ ମଙ୍ଗଳବାର ଟ୍ରଷ୍ଟ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗରୁ ଜଣାଯାଇଛି କି ଏଠାରେ ପ୍ରାୟତଃ ୧ ଦଶନ୍ଧୀରୁ ଉର୍ଦ୍ଧ୍ୱ କାଳଧରି ବାଲି ଉଠାଣ ହେଉଛି। ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ ଅଟେ।

ଏକଦା ଏହି ଘାଟକୁ ତହସିଲ ପକ୍ଷରୁ ନିଲାମ ଦିଆଯାଇଥିଲା। ସ୍ଥାନୀୟ ଲୋକେ ବାଲିଘାଟକୁ ଚଲାଇ ଦେଲେନାହିଁ। ଲିଜ୍‌ଧାରୀଙ୍କୁ ବିରୋଧ କରିବାରୁ ଦୀର୍ଘଦିନ ବାଲି ଉତ୍ତୋଳନ ହୋଇପାରିଲା ନାହିଁ। ପରେ ପ୍ରଶାସନ ପକ୍ଷରୁ ଏହି ଘାଟର ନିଲାମ ବାତିଲ କରିଦିଆଯାଇଥିଲା। ସେବେଠାରୁ ସ୍ଥାନୀୟ ଅଞ୍ଚଳର କିଛି ପ୍ରଭାବଶାଳୀ ଲୋକ ବାଲି ଉତ୍ତୋଳନ କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକାରୀ ଉକ୍ତ ବାଲିଘାଟକୁ ବନ୍ଦ କରିବା ପାଇଁ ଦାବି କରିବା ସହ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ବାଲିଗଦାକୁ ପ୍ରଶାସନ ପକ୍ଷରୁ ଠାବ କରାଯାଉ ବୋଲି ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ବେଆଇନ ବାଲି ଉଠାଣରେ ବ୍ୟବହୃତ ହେଉଥିବା ଗାଡି ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପ୍ରସ୍ତାବ ଦେଇଛନ୍ତି। ଏହାବ୍ୟତୀତ ବେଆଇନ ବାଲି ଉତ୍ତୋଳନକୁ ପ୍ରଶାସନ ପକ୍ଷରୁ ନଜର ଅନ୍ଦାନ କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଟ୍ରଷ୍ଟ ପକ୍ଷରୁ ନିବେଦନ କରାଯାଇଛି।

### ପାଣିକୋଇଲି ପୁଲିସର ସଫଳତା

## ୩ ରାଜପଥ ଲୁଟେରା ଗିରଫ

**ପାଣିକୋଇଲି, ୮।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସିଙ୍ଗଡ଼ା ପୋଲ ଉପରେ କୁଆଖିଆରୁ ପାଣିକୋଇଲି ଆଡ଼କୁ ବାଇକରେ ଫେରୁଥିବା ଦୁଇ ଆରୋହୀଙ୍କୁ ଅଟକାଇ ସୁନାଚେନ ଓ ମୁଦି ଛଡ଼ାଇ ନେବା ସହିତ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପାଣିକୋଇଲିସ୍ଥ ମା' ତାରିଣୀଙ୍କ ମନ୍ଦିରର ପୂଜକ ସୂର୍ଯ୍ୟମଣି ପଣ୍ଡାଙ୍କ ପତ୍ନୀ ଜାନକୀ ପଣ୍ଡା ଓ ସାନ ଭାଇ ସରୋଜ ଏକାଦଶାହ କାର୍ଯ୍ୟରେ ଯୋଗଦେଇ କୁଆଖିଆରୁ ବାଇକରେ ପାଣିକୋଇଲି ଫେରୁଥିବା ସମୟରେ ରାତି ପ୍ରାୟ ୭ଟା ସମୟରେ ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସିଙ୍ଗଡ଼ା ଓଭରବ୍ରିଜ ନିକଟରେ ତିନିଜଣ ଯୁବକ ସେମାନଙ୍କୁ ଅଟକାଇବା ସହିତ ଜାନକୀ ପିନ୍ଧିଥିବା ଦୁଇ ଭରିରୁ ଉର୍ଦ୍ଧ୍ୱ ଓଜନର ସୁନାଚେନକୁ ଛଡ଼ାଇ ନେଇଥିଲେ। ତେବେ ଜାନକୀଙ୍କ ଦିଅର ସରୋଜ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ନିସ୍ଥୁକ ମାଡ଼ ମାରିବା ସହିତ ପାଖରେ ପଡ଼ିଥିବା ଏକ ମଦ ବୋତଲରେ ଆକ୍ରମଣ କରିଥିଲେ। ଏହି ସମୟରେ ସ୍ଥାନୀୟ ଲୋକ ପହଞ୍ଚିଯିବାରୁ ଦୁଇ ଜଣ ଯୁବକ ଫେରାର ହୋଇଯିବାରେ ସକ୍ଷମ ହୋଇଥିବାବେଳେ ଏହି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନର୍ଗତ ତଣ୍ଡରା ପଞ୍ଚାୟତର ସ୍ୱର୍ଗତ ବାସୁଦେବ ମଲିକଙ୍କ ପୁଅ ବିକ୍ରମ ଧରା ପଡ଼ିଯାଇଥିଲା। ପରେ ବିକ୍ରମଙ୍କୁ ନେଇ ପୁଲିସ ଜେରା କରିବାରୁ ସେ ଉକ୍ତ ଘଟଣାରେ ଜଡ଼ିତ ଥିବା ଅନ୍ୟ ଦୁଇ ଅଭିଯୁକ୍ତ ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସୋତି ଗ୍ରାମର ଦୁଇ ଯୁବକ ଚକ୍ରଧର ଜେନାଙ୍କ ପୁଅ ବିଶୁ ଓ ନିରାକାର ମଲିକଙ୍କ ପୁଅ ମଣିର ନାମ ପ୍ରକାଶ କରିବା ପରେ ପାଣିକୋଇଲି ପୁଲିସ ଉଭୟଙ୍କୁ ଗିରଫ କରିଥିଲା। ଏ ନେଇ ପୁଲିସ ୮୪/୨୪ରେ ମାମଲା ରୁଜୁ କରି ଗିରଫ ତିନି ଜଣଙ୍କୁ ଅଦାଲତ ଚାଲାଣ କରିଥିବା ଥାନା ସବଇନ୍ସପେକ୍ଟର ତଥା ତଦନ୍ତକାରୀ ଅଧିକାରୀ ପ୍ରକାଶ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

### ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଘଟଣା

## ଆଉ ଦୁଇ ଯୁବକ କୋର୍ଟଚାଲାଣ

**ପାଣିକୋଇଲି, ୮।୨(ସମିସ):** ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଘଟଣାରେ ଆଉ ଦୁଇ ଜଣ ଯୁବକଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି ପାଣିକୋଇଲି ପୁଲିସ। ପଥରପଦା ଗ୍ରାମର ଜଣେ ଯୁବତୀଙ୍କ ଅଭିଯୋଗ ଅନୁସାରେ ଅଭିଯୁକ୍ତ ଏହି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ରାଣା ପ୍ରତାପ ସିଂହ ଉକ୍ତ ଯୁବତୀଙ୍କୁ ଧରମ ଝିଅ କରିଥିଲେ। ତେବେ ଦିନେ ଉକ୍ତ ଯୁବତୀ ଜଣକ କୌଣସି କାମରେ ତା'ର ସାଙ୍ଗ ଘରକୁ ଯାଇଥିବାବେଳେ ଘରେ କେହି ନ ଥିବା ସୁଯୋଗ ନେଇ ରାଣା ପ୍ରତାପ ଜୋର ଜବରଦସ୍ତ ଶାରିରୀକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଯୁବତୀଙ୍କୁ ଏ ନେଇ କ୍ଷମା ମାଗିବା ସହିତ କଥା ବାହାରେ ପ୍ରଘଟ ନ କରିବାକୁ ଅନୁରୋଧ କରିଥିଲା। ଏହାର କିଛି ଦିନ ପରେ ମଧ୍ୟ ଉକ୍ତ ଯୁବତୀଙ୍କୁ ଫଟୋ ଭାଇରାଲ କରିଦେବ ବୋଲି କହି ପୁଣି ବାରମ୍ବାର ଜୋର ଜବରଦସ୍ତ ଶାରିରୀକ ସମ୍ପର୍କ ସ୍ଥାପନ କରିଥିଲା। ଏହାର କିଛି ଦିନ ପରେ ଉକ୍ତ ଯୁବତୀଙ୍କ ବାହାଘର ସ୍ଥିର ହୋଇଥିବା ଜାଣି ରାଣା ଉକ୍ତ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଦେଇଥିଲା। ଏହାକୁ ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏ ନେଇ ମାମଲା ରୁଜୁ କରି ଅଭିଯୁକ୍ତ ରାଣାକୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ଗୁରୁବାର ଉକ୍ତ ଘଟଣାରେ ଜଡ଼ିତ ଦୁଇ ଜଣ ଯୁବକ ପଥରପଦା ଗ୍ରାମର ବ୍ରହ୍ମାନନ୍ଦ ବାରିକଙ୍କ ପୁଅ ଗଣେଶ ଓ ଯଦୁମଣି ବାରିକଙ୍କ ପୁଅ ପରମାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ତଦନ୍ତକାରି ଅଧିକାରୀ ଇନ୍ସପେକ୍ଟର ଲିଜାରାଣୀ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଧର୍ମଶାଳା ଲାୟନ୍ସ କ୍ଲବର ଉତ୍ସବ

**ଧର୍ମଶାଳା, ୮ ।୨(ସମିସ):** ଧର୍ମଶାଳା ବ୍ଲକ ଶାନ୍ତି ବଜାରସ୍ଥ ସମ୍ରାଟ ମଣ୍ଡପରେ ଧର୍ମଶାଳା ଲାୟନ୍ସ କ୍ଲବର ଚାର୍ଟର କମ ଇନଷ୍ଟଲେସନ ସେରେମୋନି ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଲାୟନ ଡଃ ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡିଷ୍ଟ୍ରିକ୍ଟ ଗଭର୍ନର ଲାୟନ ଶରତ ଚନ୍ଦ୍ର ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କ୍ଲବର କାର୍ଯ୍ୟଧାରା ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଇନଷ୍ଟଲେସନ ଅଫିସର ପ୍ରଫୁଲ କୁମାର ସାମଲ ସମସ୍ତ ସଦସ୍ୟଙ୍କୁ ଶପଥ ପାଠ କରାଇବା ସହ କ୍ଲବର ନୀତି ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଲାୟନ ପ୍ରଦୀପ୍ତ ରାୟ ଓ ଲାୟନ ଦେବଯାନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଲାୟନ୍ସ କ୍ଲବ ଗୋଟେ ଅଞ୍ଚଳର ସାମୂହିକ ବିକାଶରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଉପସ୍ଥିତ ଅତିଥି ବୃନ୍ଦଙ୍କ ମଧ୍ୟରୁ ସାମ୍ବାଦିକ ରମାକାନ୍ତ ଜେନା, ଶିକ୍ଷାବିତ ରାଜକିଶୋର ପାଢ଼ୀ, ସମାଜସେବୀ କାହ୍ନୁଚରଣ ଦାସ, ବୁଦ୍ଧିଜୀବୀ କରୁଣାକର ବରାଳ ଓ ରୋଟାରୀ କ୍ଲବ ଜାରକାର ସଭାପତି ବିପିନ ଷଡ଼ଙ୍ଗୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କୌଣସି ଆଶା ନରଖି ନିରୁତା ସେବା ହିଁ ପ୍ରତି ମଣିଷର କର୍ତ୍ତବ୍ୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଲାୟନ୍ସ କ୍ଲବ ସେବାରେ ବିଶ୍ୱାସ କରେ। ଏହି ଆଧାରରେ କ୍ଲବ ଅଞ୍ଚଳର ସମସ୍ତ ସଂଗଠନଙ୍କୁ ସାଥିରେ ନେଇ କାର୍ଯ୍ୟ କରିବ ବୋଲି ସଭାପତି ଡଃ ମହାନ୍ତି ଆଶାବ୍ୟକ୍ତ କରିଥିଲେ। ସେହିପରି ଧର୍ମଶାଳା ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ ଓ ଯୁବପିଢ଼ିଙ୍କୁ ଏଥିରେ ସାମିଲ ହେବା ପାଇଁ ସମ୍ପାଦକ ଡଃ କୃଷ୍ଣଚନ୍ଦ୍ର ପାତ୍ର ନିବେଦନ କରିଥିଲେ। କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ଲାୟନ ଇଂ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ପରିଚାଳନା କରିଥିଲେ। ଲାୟନ ସୁଜାତା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଲାୟନ ଲୁପ୍ତନ୍ଦୁ ବିଶ୍ୱାଳ, ପ୍ରକାଶ ସାହୁ, ବିନୋଦ ଚିନାରା, ମଧୁସ୍ମିତା ପଣ୍ଡା, ଟି.ପ୍ରିୟଦର୍ଶିନୀ, ଅର୍ପିତା ପଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସୁରେଶ କର ଧନ୍ୟବାଦ ପ୍ରଦାନ କରିଥିଲେ।

## ହୃଦ୍‌ଘାତରେ ଶ୍ରମିକଙ୍କ ମୃତ୍ୟୁ

**ପାଣିକୋଇଲି, ୮।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଏକ ବ୍ୟବସାୟିକ ପ୍ରତିଷ୍ଠାନରେ କାମ କରୁଥିବା ଜଣେ ଶ୍ରମିକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଏ ନେଇ ପାଣିକୋଇଲି ଥାନାରେ ମୃତକଙ୍କ ପତ୍ନୀ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ଦୋବସିଳା ଗ୍ରାମର ସ୍ୱର୍ଗତ ଫତୁ ସିଂଙ୍କ ପୁଅ ମାର୍କଣ୍ଡ (୩୫) ପାଣିକୋଇଲିର ୨୦ନଂ ଜାତୀୟ ରାଜପଥ କଡ଼ରେ ଥିବା ଏକ ବ୍ୟବସାୟିକ ପ୍ରତିଷ୍ଠାନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ମାଲିକଙ୍କ ସମେତ କାର୍ଯ୍ୟ କରୁଥିବା ଅନ୍ୟ ଶ୍ରମିକ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କାର୍ ଧକ୍କାରେ ବାଇକ୍ ଆରୋହୀ ଆହତ

**ପାଣିକୋଇଲି, ୮।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ନିକଟରେ ଏକ ଅଜଣା କାର୍ ଧକ୍କାରେ ବାଇକ ଆରୋହୀ ଆହତ ହୋଇଛନ୍ତି। ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଛତାବର ଗ୍ରାମର ନିରଞ୍ଜନ ସାହୁ ତାଙ୍କ ଦୁଇ ଝିଅ ପ୍ରତୀମା ଓ ରାଣୀଙ୍କୁ ବାଇକରେ ବସାଇ ପାଣିକୋଇଲି ଆଡ଼କୁ ଆସୁଥିବାବେଳେ ପଥରପଦା ନିକଟରେ ଏକ ଦ୍ରୁତଗାମୀ କାର ତାଙ୍କ ବାଇକକୁ ଧକ୍କା ଦେଇ ପଳାଇ ଯାଇଥିଲା। ଉକ୍ତ ଦୁର୍ଘଟଣାରେ ନିରଞ୍ଜନ ବାଇକରୁ ଖସି ପଡ଼ି ଆହତ ହୋଇଥଲେ। ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ନିରଞ୍ଜନଙ୍କୁ ସ୍ଥାନୀୟ ଏକ ବେସରକାରୀ ନର୍ସିଂ ହୋମରେ ଚିକିତ୍ସିତ କରାଇଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ

**ଦଶରଥପୁର, ୮।୨ (ସମିସ):** ଦଶରଥପୁର ବ୍ଲକର ସାମ୍ବାଦିକ ଚନ୍ଦ୍ରଶେଖର ସାହୁଙ୍କ ପିତା ଶୁଭେନ୍ଦ୍ର ସାହୁ (୭୦)ଙ୍କ ପରଲୋକ ହୋଇଛି। ଗତ ଡିସେମ୍ବର ୨୯ ତାରିଖରେ ସେ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ କଟକର ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ତାଙ୍କର ପରଲୋକ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ନିଜେ ସାମ୍ବାଦିକ ଚନ୍ଦ୍ର ଶେଖର ସାହୁଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ସେ ଜଣେ ମେଳାପୀ, ମୃଦୁଭାଷୀ,



ବନ୍ଧୁ ବତ୍ସଳ ସ୍ୱଭାବର ବ୍ୟକ୍ତିଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ, ଜିଲ୍ଲା ବିଜେଡ଼ି ସଭାପତି ସରୋଜ ମହାପାତ୍ର, ବିଜେପି ସଭାପତି ଗୌତମ ରାୟ, ଉପସଭାପତି ସଞ୍ଜୟ ନାୟକ, କଂଗ୍ରେସ ନେତା ଦେବେନ୍ଦ୍ର ପଣ୍ଡା, ସନ୍ତୋଷ ନନ୍ଦ, ମନୋଜ ରାଉତ, ଭରତ ପରିଡ଼ା, ପାଲଟପୁର ସରପଞ୍ଚ ଲିପିକା ମଲ୍ଲିକ, ପୂର୍ବତନ ସରପଞ୍ଚ ଝୁନାରାଣୀ ରାୟ, ଶିକ୍ଷାବିତ୍ ବିପିନ ରାୟ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ସେହିପରି ଓୟୁଜେ ଜିଲ୍ଲା ଶାଖା ପକ୍ଷରୁ ରାଜୀବ କୁମାର ମହାନ୍ତି, ଆଦିତ୍ୟ ମେକାପ, ଦିଲ୍ଲୀପ ଦାସ, ବିରଜା ପାଣି, ଅନୀଲ ପଣ୍ଡା, ଦଶରଥପୁର ପ୍ରେସ କ୍ଲବ୍‌ର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭ୍ୟବୃନ୍ଦ ତାଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବିଂଝାରପୁର, ୮।୨(ସମିସ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନାଉବାଙ୍କ ଗ୍ରାମର ରାଧାଶ୍ୟାମ ନାୟକଙ୍କ ୨୨ ବର୍ଷର ଝିଅ ରାଜେଶ୍ୱରୀଙ୍କ ଝୁଲନ୍ତା ମୃତଦେହ ବୁଧବାର ରାତିରେ ଉଦ୍ଧାର ହୋଇଛି। ରାଜେଶ୍ୱରୀ ବାଲେଶ୍ୱରର ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ଗତ ତିନିଦିନ ତଳେ ଜନ୍ମଦିନ ପାଳନ କରିବା ପାଇଁ ସେ ବାଲେଶ୍ୱରରୁ ଘରକୁ ଆସିଥିଲେ। ପରିବାର ଲୋକ ଓ ସାଙ୍ଗମାନଙ୍କ ସହିତ ସେ ଖୁସି ଆନନ୍ଦରେ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ବିଞ୍ଝାରପୁର ପୁଲିସ ପିଏସ୍‌ୟୁଡି-୬/୨୯ରେ ମାମଲା ପଞ୍ଜିକୃତ କରି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ବିଞ୍ଝାରପୁର ପୁଲିସ ଏକ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ମଧ୍ୟ ନେଇଛି। ପରବର୍ତ୍ତୀ ସମୟରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ରାଜେଶ୍ୱରୀଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ଶାନ୍ତିପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର

**ବଡ଼ଚଣା, ୮।୨ (ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାନ୍ତିପୁର ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମାନଗୋବିନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଯୁବ ସମାଜସେବୀ ଶ୍ରୀବତ୍ସ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟର ନବୀନ ପଟ୍ଟନାୟକ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କୁ ସୁଦୃଢ଼ କରିଛନ୍ତି। ଫଳରେ ଲୋକମାନେ ନିଜକୁ ନିଜେ ସ୍ୱୟଂଶାସିତ ହୋଇ ନିଜର ପରିବାର ପୋଷଣ କରିବା ସହ ଜନସାଧାରଣଙ୍କ ବିକାଶ ପାଇଁ ମଧ୍ୟ ସ୍ୱତନ୍ତ୍ରତା ଦେଇପାରିଛନ୍ତି ବୋଲି ମତବ୍ୟକ୍ତ



କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଶାନ୍ତିଲତା ସ୍ୱାଇଁ, ସମାଜସେବୀ ନିରୂପମା ମାହଲା, ୱାର୍ଡ ସଭ୍ୟ ମିତାଲି ସେଠୀ, ରବୀନ୍ଦ୍ରନାଥ ସେଠୀ, ଅନୁସୟା ମଲ୍ଲିକ, ନିରୂପମା ଦଳେଇ, ସବିତା ସେଠୀ, ନାରାୟଣ ବଳ, ସନ୍ତୋଷୀ ମଲ୍ଲିକ, ସୁନୀଲ କୁମାର ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସମିନ ସଏ, ଜିଆରଏସ ମିହିର କୁମାର ରାଉତ, କୃଷି ମିତ୍ର ମାନସ କର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ସରପଞ୍ଚ ମୀନକେତନ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମିତି ସଭ୍ୟ ରବୀନ୍ଦ୍ର କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଶରଥପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର

**ଦଶରଥପୁର, ୮।୨ (ସମିସ):** ଦଶରଥପୁର ବ୍ଲକ ଦଶରଥପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଚସ୍ପତିଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ବିଡ଼ିଓ ଆକାଶ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ସଭ୍ୟା ମନସ୍ୱିନୀ ଦାସ, ମାମିନା ମଲ୍ଲିକ, ନିନାରାଣୀ ସାମଲ, ସରପଞ୍ଚ ମୀନାରାଣୀ ବେହେରା, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଉପସ୍ଥିତ ଜନସାଧାରଣଙ୍କୁ



ଅବଗତ କରାଇଥିଲେ। ଏ ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାଯ୍ୟକ୍ରମରେ ଯୁବ ସମାଜସେବୀ ମହେଶ୍ୱର ସାହୁ, ଧର୍ମରାଜ ଧୀର, ସରପଞ୍ଚ ନିରାକାର ସାହୁ, ହିମାଂଶୁ ନାୟକ, କନକଲତା ଦାସଙ୍କ ସମେତ ବ୍ଲକ ସଦର କାର୍ଯ୍ୟାଳୟର କର୍ମଚାରୀ, କୃଷି, ମିଶନଶକ୍ତି, ସିଡ଼ିପିଓ, ଶିକ୍ଷା ବିଭାଗର କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।

## ସ୍ୱପ୍ନେଶ୍ୱର ବିଦ୍ୟାମନ୍ଦିରରେ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁ ପୂଜନ



**ବାରବାଟୀ, ୮ ।୨(ସମିସ):** ସ୍ୱପ୍ନେଶ୍ୱର ବିଦ୍ୟାମନ୍ଦିରର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଜି ପୂର୍ବାହ୍ନରେ ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କ ଗୁରୁ ପୂଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦୂରଦୂରାନ୍ତରୁ ବହୁ ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପୁରାତନ ଛାତ୍ର ଅବସରପ୍ରାପ୍ତ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ସଞ୍ଜୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିବା ଶିକ୍ଷକ ସୁଦର୍ଶନ ରାଉତ, ସଚିଦାନନ୍ଦ ଶତପଥୀ ଓ ମଧୁସୂଦନ ପ୍ରହରାଜଙ୍କୁ ପାଛୋଟି ନିଆଯାଇଥିଲା। ପରେ ସେମାନଙ୍କୁ ପୂଜାର୍ଚ୍ଚନା କରାଯାଇ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସ୍ୱପ୍ନେଶ୍ୱର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ପଣ୍ଡା ଓ ଧନେଶ୍ୱର କାଣ୍ଡି ବର୍ତ୍ତମାନ ସମୟରେ ଗୁରୁ ଛାତ୍ର ପରମ୍ପରାରେ ବ୍ୟତିକ୍ରମ ଘଟିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଜେଶ୍ୱରୀ ନାୟକ, ସୌଦାମିନୀ ଦାସ, ଦମୟନ୍ତୀ ମଲ୍ଲିକ, ପୀତବାସ ନାୟକ, ଦୁର୍ଯ୍ୟୋଧନ ପାତ୍ର, ମଧୁସୂଦନ ସାମଲ, ରବୀନ୍ଦ୍ର ରାଉତ, ପୀତବାସ ଦତ୍ତ, ରଙ୍କନିଧି ସ୍ୱାଇଁ, ଚକ୍ରଧର ଦେ, ପ୍ରଫୁଲ୍ଲ ମଲ୍ଲିକ, ଶ୍ରୀକାନ୍ତ ପଣ୍ଡା ଓ ରଷିବର ରାଉତ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି ଗୁରୁପୂଜା କାର୍ଯ୍ୟକ୍ରମରେ ୧୯୬୪ରେ ବିଦ୍ୟାରମ୍ଭ କରିଥିବା ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ମହାବୀର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ପାଣିକୋଇଲି, ୮।୨(ସମିସ):** ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ମହାବୀର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ମହାବୀର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୧୫ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ମୁଖ୍ୟଅତିଥି ଭାବେ ସମାଜସେବୀ ସୂର୍ଯ୍ୟମଣି ପଣ୍ଡା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଟିଏସକେ ଓ ମାମାସ ଚଏସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାମାସ ଚଏସ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୯ ଓଭରରେ ସମସ୍ତ ୱିକେଟ ହରାଇ ୬୪ ରନ ସଂଗ୍ରହ କରିଥିଲା। ଜବାବରେ ଟିଏସକେ ୭ ଓଭରରେ ୬୫ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଏହି ମ୍ୟାଚକୁ ଶିବ ପରିଡ଼ା ଓ ବାଦଲ ସାମଲ ପରିଚାଳନା କରିଥିବାବେଳେ କଳ୍ପନା ପରିଡ଼ା, ବଳରାମ ସାହୁ ସ୍କୋରର ଓ ଅଂଶୁମାନ ସ୍ୱାଇଁ ଓ ମୁଶିନ ଭାଷ୍ୟକାର ଥିଲେ। କ୍ଲବ ପକ୍ଷରୁ ଅମରେଶ ସ୍ୱାଇଁ, ମନ୍ମଥ ପଣ୍ଡା, ଦେବେନ୍ଦ୍ର ଦାସ, ରଞ୍ଜିତ ପରିଡ଼ା, ଦେବୀ ପ୍ରସାଦ ସ୍ୱାଇଁ, ଆଶୀର୍ବାଦ ସ୍ୱାଇଁ, ରାକେଶ ସ୍ୱାଇଁ, ପବିତ୍ର ନାୟକ, ସନ୍ଦୀପ ସେନାପତି, ଆଦିତ୍ୟ ସ୍ୱାଇଁ, ପ୍ରଭାକର ସ୍ୱାଇଁ, ପ୍ରଦୀପ ପଣ୍ଡା, ବ୍ରଜ ସ୍ୱାଇଁ, ସରୋଜ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।






ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼, ଗଞ୍ଜାମ

ନାମଲେଖା ବିଜ୍ଞାପନ- ୨୦୨୪-୨୫

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତି କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (Section P-9.I.C) ଆଇନ ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ SC, ST, SEBC, CWSN, B.P.L (ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ସାମାଜିକ ଅନଗ୍ରସର ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ । ଏହି ବର୍ଗର ଶିଶୁମାନେ ତା. ୨୨.୦୨.୨୦୨୪ରିଖ ଠାରୁ ୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.gov.in website ମାଧ୍ୟମରେ ଆବେଦନ କରିପାରିବେ। ଶ୍ରେଣୀର ମୋଟ ଆସନ ସଂଖ୍ୟା ୬୦ ଅଟେ। ଉକ୍ତ ଆସନ ମଧ୍ୟରୁ ୨୫% ସ୍ଥାନ ହିସାବରେ ୧୫ ଗୋଟି (କେବଳ ୧ମ ଶ୍ରେଣୀ)ର ଆସନ ସଂରକ୍ଷଣ ଅଛି ।

ବି.ଦ୍ର.: ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ।

ସା- ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼
ଯୋଗାଯୋଗ- ୯୯୩୮୨୨୫୦୦୩, ୯୦୩୯୩୬୧୨୦୮

## ବାଲିଗାଡ଼ିକୁ ସୁରକ୍ଷା ପାଇଁ ଭୁଲିଗଲେ ମାନବିକତା

# ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଲା ପୁଲିସ୍

### ଛାତ୍ରଙ୍କୁ ଧକ୍କା ଦେଇ ଆହତ କଲା ବାଲି ବୋଝେଇ ହାଇୱା

**ଭଦ୍ରକ,୮ ।୨(ସମିସ):** ଭଦ୍ରକ ଜିଲ୍ଲା ଆଗରପଡା ପୁଲିସର କଳାକାରଙ୍କୁ ମାଡ଼ ଘଟଣା ଲୋକଙ୍କ ମନରେ ନ ଲିଭୁଣୁ ଏବେ ବନ୍ତ ପୁଲିସର ସାଧାରଣ ଲୋକଙ୍କ ଉପରେ ଦାଦାଗିରି ସାମ୍ନାକୁ ଆସିଛି । ସୂଚନାରୁ ପ୍ରକାଶ ଯେ, ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ଛକ ଠାରେ ଛାତ୍ର ଜଣଙ୍କ ସ୍କୁଲ ଆସୁଥିବା ବେଳେ ଏକ ଓଭର ଲୋଡିଂ ବାଲି ବୋଝେଇ ହାଇୱା ଗାଡ଼ି ନମ୍ବର (ଓଡି୨୨ଆର୍-୨୨୩୦୫୦) ଛାତ୍ରଙ୍କୁ ଧକ୍କା ଦେଇଥିଲା । ଯାହା ଫଳରେ ଚାଇଁପୁର ଗ୍ରାମର ଭୀମସେନ ସାହୁଙ୍କ ପୁତ୍ର ଅମ୍ଳାନଚକ୍ର ଘଟଣାସ୍ଥଳରେ ଗୁରୁତର ହୋଇପଡିଥିଲେ ।



ତୁରନ୍ତ ତାଙ୍କୁ ସ୍ଥାନୀୟ ଲୋକେ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ଏହି ଦୁର୍ଘଟଣା ଖବର ପାଇ ଓଭରଲୋଡିଂ ବାଲି ଗାଡ଼ିକୁ ବନ୍ତ ବଜାର ଠାରେ ସ୍ଥାନୀୟ ଲୋକେ ଅଟକାଇ ଥିଲେ । ଏତିକି ବେଳେ ବନ୍ତ ଆଇଆଇସିଙ୍କ ସେଠାରେ ପହଞ୍ଚି ଲୋକଙ୍କ ଉପରେ ବର୍ଷିଥିଲେ । କେବଳ ଏତିକି ନୁହେଁ ସ୍ଥାନୀୟ ଲୋକେ ଓଭର ଲୋଡି ଗାଡି ବାବଦରେ ପୁଲିସ ସହ କଥାବାର୍ତ୍ତା କରୁଥିବା ବେଳେ ଆଇଆଇସି ଶ୍ରୀବଲ୍ଲଭ ସାହୁ ଅଚାନକ ବାଲି ଗାଡ଼ି କ'ଣ ପାଇଁ ଅଟକାଇଲ କହି ଲୋକଙ୍କୁ ଧକ୍କା ମାରିବାକୁ ପଛାଇ ନଥିଲେ । ପର ମୁହୂର୍ତ୍ତରେ ବାଲିଗାଡ଼ିକୁ ସୁରକ୍ଷା ଦେଇ ଲୋକଙ୍କ ଉପରେ ଲାଠି ଚାର୍ଜ ଆରମ୍ଭ କରିଦେଇଥିଲେ । ତେବେ ଆଇଆଇସିଙ୍କ ଏହି ଦାଦାଗିରି ଭିଡିଓ ଭାଇରାଲ ହେବାରେ ଲାଗିଛି । ପୂର୍ବରୁ ଜଣେ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗ ନେଇ ସାମ୍ବାଦିକ ସଂଘ ବନ୍ତ ଆଇଆଇସିଙ୍କ ବିରୋଧରେ ଏସ୍‌ପିଙ୍କ ଠାରେ ଫେରାଦ ହୋଇଥିଲେ । ପୁଲିସ ଆହତ ଛାତ୍ରଙ୍କ କଥା ନ ବୁଝି ଓଭରଲୋଡିଂ ବାଲି ଗାଡ଼ିକୁ ସୁରକ୍ଷା ଦେବାକୁ ଯାଇ ଓଲଟି ସ୍ଥାନୀୟ ଲୋକଙ୍କୁ ମାରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହେବା ସହ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏସ୍‌ପି ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ଦାବି ହୋଇଛି ।

## ଅବହେଳିତ ମନ୍ଦିର ସମୂହର ଉନ୍ନତି ପାଇଁ ଦାବିପତ୍ର ପ୍ରଦାନ



**ଭଦ୍ରକ,୮।୨(ସମିସ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଦଇପୁର ପଞ୍ଚାୟତର ବାବୁରିଗାଁ ଗ୍ରାମରେ ଥିବା ମନ୍ଦିର ସମୂହର ଉନ୍ନତି ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି । ଏହି ଗ୍ରାମରେ ଏକ ବେଦୀ ଉପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ତିନିମୂର୍ତ୍ତି, ଶ୍ରୀସ୍ୱପ୍ନେଶ୍ୱର ମହାଦେବ, ଆଦ୍ୟାଶକ୍ତି ଜରଦ୍ ଜାଗ୍ରତ ଗୌରୀ (ବୁଢ଼ୀ ଜାଗୁଲାଇ), ଅରୁଣ ଦେବ, ପ୍ରଭୁଙ୍କ ସ୍ନାନ ମଣ୍ଡପ, ଯଜ୍ଞ ମଣ୍ଡପ ରହିଛି । ଯାହା ଏକ ଅତ୍ୟନ୍ତ ପବିତ୍ର ଓ ଆଧ୍ୟାତ୍ମିକ ସ୍ଥଳ । ଏହି ଗ୍ରାମରେ ଶ୍ରୀଜଗନ୍ନାଥ ଗ୍ରନ୍ଥାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶ୍ମଶାନ ଆଦି ରହିଛି । ମାତ୍ର ବିଡ଼ମ୍ବନାର ବିଷୟ ଯେ ଏହି ଗ୍ରାମକୁ ଯାତାୟାତ ନିମନ୍ତେ ସର୍ବକାଳୀନ ରାସ୍ତାଟିଏ ନାହିଁ କି ଏହି ପବିତ୍ର ପୀଠର ଉନ୍ନତି ପାଇଁ କାହାରି ନଜର ପଡୁନାହିଁ । ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଉନ୍ନୟନ ପାଇଁ ଅନୁରୋଧ କରି ପ୍ରଧାନମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିଗୁଡ଼ିକ ମଧ୍ୟରେ ଗ୍ରାମ ଓ ମନ୍ଦିର ନିକଟକୁ ସର୍ବକାଳୀନ ସ୍ଥାୟୀ ଚଉଡ଼ା ପକ୍କା ରାସ୍ତା, ମନ୍ଦିର ପ୍ରବେଶ ପଥରେ ସୁସଜ୍ଜିତ ଖମ୍ବ, ଗ୍ରାମାଞ୍ଚଳର ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ପକ୍କା କୋଠରୀ, ଶ୍ରୀମଦ୍ ଭାଗବତ ଗାଦିର ବିମାନ ସଂରକ୍ଷଣ ଗୃହ, ଜାତୀୟ ବିପତ୍ତିକାଳୀନ ସୁରକ୍ଷା ଗୃହ, ପ୍ରବଚନ କକ୍ଷ, ଯଜ୍ଞକକ୍ଷ, ପାନୀୟ ଜଳର ବ୍ୟବସ୍ଥା, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯିବାକୁ ଭଗବାନ ପତି, ପ୍ରବୋଧ କୁମାର ଦାଶ, ଡ. ମାନସରଞ୍ଜନ ଦାଶମିଶ୍ର, ଜ୍ଞାନରଞ୍ଜନ ଦାଶ, ନିରଞ୍ଜନ ଦାସ, ସତ୍ୟବ୍ରତ ସାହୁ, ନାରାୟଣ ଚନ୍ଦ୍ର ଧଳ, ଶୁଭ୍ରାଂଶୁ ଶେଖର ବେହେରା, ରଜନୀରାଣୀ ଧଳ, ମଞ୍ଜୁଲତା ବେହେରା, ତପନ ଯେନା ପ୍ରମୁଖ ଅନୁରୋଧ କରିଛନ୍ତି ।

## ଜଗନ୍ନାଥଙ୍କ ଜମି ଫେରି ପାଇବା ପାଇଁ ଧାରଣା

**ଭଦ୍ରକ,୮ ।୨(ସସିସ):** ଭଦ୍ରକ ଜିଲ୍ଲା ବନ୍ତ ତହସିଲ ଅନ୍ତର୍ଗତ ତୋଡଙ୍ଗା ପଞ୍ଚାୟତ ରସିଦପୁର ଜଗନ୍ନାଥ ଜମି କେଳଙ୍କାରୀ ନେଇ ଗ୍ରାମବାସୀମାନେ ଆଜି ବନ୍ତ ତହସିଲ ସମ୍ମୁଖରେ ଧାରଣାରେ ବସିଥିଲେ । ଧାରଣାରେ ବସିଥିବା ସମସ୍ତ ଜଗନ୍ନାଥ ଭକ୍ତମାନେ ମୁଣ୍ଡରେ କଳାପଟି ପିନ୍ଧି ଧାରଣାରେ ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ, ଏହି ଗ୍ରାମରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମ୍ପତି ପାଇ ଦୀର୍ଘ ୨ ବର୍ଷ ହେବ ଜଗନ୍ନାଥଙ୍କ କମିଟି ଲୋକ ତହସିଲ ଅଫିସ ବାରମ୍ବାର ଆସି ନ୍ୟାୟ ପାଉନଥିବା ବେଳେ ଶେଷରେ କିଛି ଉପାୟ ନପାଇ ଜଗନ୍ନାଥ ଜମି ପାଇ ଶାନ୍ତି ପୂର୍ଣ୍ଣ ଧାରଣା ଦେଇଛନ୍ତି । ତେବେ ଏଥିରେ ଗ୍ରାମର ସମସ୍ତ ମହିଳା ଓ ପୁରୁଷ ମାନେ ଜଗନ୍ନାଥ ଙ୍କ ସମ୍ପତି ଫେରାଇ ଆଣିବାକୁ ଦାବୀ କରିଛନ୍ତି । ଜଗନ୍ନାଥଙ୍କ ଜମି ମାପିବା ପରେ "ଖ" ନୋଟିସ ଲାଗିଲା ପରେ ତଞ୍ଚକତା ହୋଇଥିବା ଗ୍ରାମବସୀ ଅଭିଯୋଗ ଆଣିଛନ୍ତି ।



## ସମବାୟ ସଂଘର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭଦ୍ରକ,୮।୨(ସମିସ):** ଓଡିଶା ରାଜ୍ୟ ସମବାୟ ସଂଘ ଦ୍ୱାରା ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭଦ୍ରକରେ ଥିବା ମଣିତାରିଣୀ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶା ରାଜ୍ୟ ସମବାୟ ସଂଘର ନିର୍ଦ୍ଦେଶକ ଅଶ୍ୱିନୀ ନାୟକ ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭଦ୍ରକ ସର୍କଲରେ ଥିବା ସହକାରୀ ସମବାୟ ନିବନ୍ଧକ ପ୍ରାଚୀତା ଜେନା, ସମବାୟ ସଂଘର ନିର୍ଦ୍ଦେଶକ ଅଶ୍ୱିନୀ ନାୟକ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଯୋଗେନ୍ଦ୍ର ଘଡେଇ ତଥା ବସନ୍ତିଆ ସେବା ସମବାୟ ସମିତିର ସଭାପତି ବସନ୍ତ ବେହେରା ଓ କୃଷକ ବହୁମୁଖୀ ସମିତିର ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୬ଗୋଟି ସେବା ସମବାୟ ସମିତିର ସଭାପତି, ଉପସଭାପତି ଓ ନିର୍ଦ୍ଦେଶକ ମିଶି ୬୦ଜଣ ଉପସ୍ଥିତଥିଲେ । ସମବାୟ ସମିତିର ସମସ୍ତ ନିର୍ଦ୍ଦେଶକମାନଙ୍କୁ ଓଡିଶା ରାଜ୍ୟ ସମବାୟ ସଂଘର ପ୍ରଶିକ୍ଷକ ଚିନ୍ମୟୀ ଚାରୁଦର୍ଶିନୀ, ସହ ପ୍ରଶିକ୍ଷକ ବିପିନ ଚନ୍ଦ୍ର ଦାସ, ଅଧ୍ୟାପକ (ଏମ୍‌ଆଇସିଏମ୍ ଭୁବନେଶ୍ୱର) ଓ ଅର୍ବାନ ବ୍ୟାଙ୍କ ଫେଡରେସନ ପରିଚାଳକ ପ୍ରଫୁଲ୍ଲ କୁମାର ସ୍ୱାଇଁ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ । ନୂତନ କରି ନିର୍ବାଚିତ ହୋଇଥିବା ନିର୍ଦ୍ଦେଶକମାନଙ୍କୁ ସମିତିର ଅଡିଟ ଓ ଇନିସ୍‌ପେକ୍ସନ ବିଷୟରେ ଅବଗତ କରାଇଥିଲେ । ସମିତିଗୁଡିକ ମାଲିମକଦ୍ଦମାରେ ଜଡିତ ହୋଇ ବହୁତ କ୍ଷତି କରୁଛି ବୋଲି ବ୍ୟାଙ୍କର ନିର୍ଦ୍ଦେଶକ ଯୋଗେନ୍ଦ୍ର ଘଡେଇ ମତବ୍ୟକ୍ତ କରିଥିଲେ । ଭଦ୍ରକ ସର୍କଲରେ ଥିବା ସହକାରୀ ସମବାୟ ନିବନ୍ଧକ ପ୍ରାଚୀତା ଜେନା ସମବାୟ ସମିତିର ନିର୍ଦ୍ଦେଶକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ଓ ସମିତିଗୁଡିକ ଆଗକୁ କିପରି ବଢିଚାଲିବ ସେପ୍ରତି ସେ ଗୁରୁତ୍ୱ ଦେଇଥିଲେ । ଓଡ଼ିଶା ରାଜ୍ୟ ସମବାୟ ସଂଘର ନିର୍ଦ୍ଦେଶକ ଅଶ୍ୱିନୀ ନାୟକ ସମିତିଗୁଡିକ ଠିକ ସମୟରେ ଅଡିଟ ହୋଇପାରୁନାହିଁ ଓ ଅଭିଜ୍ଞ ସୁପରଭାଇଜର ନ ଥିବାରୁ ଇନିସ୍‌ପେକ୍ସନ ମଧ ହୋଇପାରୁନାହିଁ । ସର୍ବଶେଷରେ ଓଡିଶା ରାଜ୍ୟ ସମବାୟ ସଂଘର ନିର୍ଦ୍ଦେଶକ ଅଶ୍ୱିନୀ ନାୟକ ଧନ୍ୟବାଦ ଦେଇ ନୂତନ କରି ଆସିଥିବା ସମସ୍ତ ନିର୍ଦ୍ଦେଶକମାନଙ୍କୁ କିପରି ଆଗାମୀ ଦିନରେ ତାଲିମ ଦିଆଯିବ ସେ ବିଷୟରେ ଆଲୋକପାତ କରିଥିଲେ ।



### ହରମୋହନ ମହାପତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଭଦ୍ରକ ୟୁନିକ୍ ଚାମ୍ପିଅନ

**ଭଣ୍ଡାରିପୋଖରୀ,୮।୨(ସମିସ):** ଭଣ୍ଡାରିପୋଖରୀ ବୟାବନାପୁର ପଞ୍ଚାୟତ ଚନ୍ଦ୍ରଭାନପୁର ପଡ଼ିଆରେ ଚାଲୁଥିବା ହରମୋହନ ମହାପାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବାଲେଶ୍ୱର ଆଦର୍ଶକୁ ହରାଇ ଭଦ୍ରକ ୟୁନିକ୍ ଚାମ୍ପିଅନ୍ ହୋଇଛି । ବାଲେଶ୍ୱର ଆଦର୍ଶ କ୍ରିକେଟ ଟିମ୍ ଟସ୍ ଜିତି ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭଦ୍ରକ ୟୁନିକ୍ ଇଲେଭେନ ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ୱିକେଟ୍ ହରାଇ ୩୫୬ ରନ୍ ସଂଗ୍ରହ କରିଥିଲା । ୟୁନିକ୍ ପକ୍ଷରୁ କ୍ଷମାସାଗର ବଳ ୪୪ ବଲରୁ ୧୫୯ ଓ ଅଶ୍ୱିନୀ ଖଟେଇ ୨୫ ବଲରୁ ୫୯ ରନ୍ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଆଦର୍ଶର ଦେବାଶିଷ ମହାନ୍ତି ୫ ଓଭର ବୋଲିଂ କରି ୪୭ ରନ୍‌ରେ ୪ଟି ୱିକେଟ୍ ଅକ୍ତିଆର କରିଥିଲେ । ୩୫୭ ରନ୍‌କୁ ଟାର୍ଗେଟ ପିଛା କରି ଆଦର୍ଶ ୨୧ ଓଭରରେ ସମସ୍ତ ୱିକେଟ୍ ହରାଇ ୨୨୫ ରନ୍ ସଂଗ୍ରହ କରିଥିଲା । ଆଦର୍ଶ ପକ୍ଷରୁ ଦିନେଶ ରଞ୍ଜନ ୧୨ଟି ବଲରୁ ୪୫ ରନ୍ ଓ ଅଂଶୁମାନ ମହାନ୍ତି ୩୬ଟି ବଲରୁ ୪୭ ରନ୍ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ୟୁନିକ୍‌ର ଅବଦୁଲ ଖାନ୍ ୫ ଓଭର ବୋଲିଂ କରି ୩୩ ରନ୍ ଦେୟ କରି ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ଆଜିର ଖେଳଟିକୁ ଅମ୍ପାୟାର ଭାବେ ପ୍ରତାପ ଚନ୍ଦ୍ର ପାତ୍ର ଓ ସତ୍ୟବ୍ରତ ଚନ୍ଦ ପରିଚାଳନା କରିଥିଲେ । ସ୍କୋରର ଭାବେ ଶୋଭମ ଶଙ୍ଖୁଆ ଓ ପ୍ରମୋଦ ଜେନା, ଭାଷ୍ୟକାର ଭାବେ ପ୍ରତ୍ୟୁଷ ସାହୁ ଓ ପ୍ରଦୀପ ଜେନା ଦାୟିତ୍ୱ ତୁଲାଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଗୋଲକ ଚନ୍ଦ୍ର ବେହିରା, ପ୍ରଶନ୍ତିକାନ୍ତ ସାମଲ, ଅନନ୍ତ ମିଶ୍ର, ଲକ୍ଷ୍ମୀଧର ନାୟକ, ଲକ୍ଷ୍ମୀଧର ସାହୁ, ରଜନୀକାନ୍ତ ଚନ୍ଦ, ପ୍ରଶାନ୍ତ ସାହୁ, ବିକ୍ରମ କେଶରୀ ମହାପାତ୍ର, ସୌମ୍ୟରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ । କ୍ଷମା ସାଗର ବଳ ଉଭୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ବିବେଚିତ ହୋଇଥିଲେ । ଏହି ଖେଳକୁ ଚନ୍ଦ୍ରଶେଖର କ୍ଲବର ସମସ୍ତ ସଦସ୍ୟମାନେ ।



## ଉତ୍କଳ ଫାଉଣ୍ଡେସନ ପକ୍ଷର ଚକ୍ଷୁ ଚିକିତ୍ସା ଶିବିର

**ଭଣ୍ଡାରିପୋଖରୀ,୮।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୁରିଙ୍ଗା ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଉତ୍କଳ ଫାଉଣ୍ଡେସନ ତରଫରୁ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଚକ୍ଷୁ ଚିକିତ୍ସା ଶିବିରକୁ କୁରିଙ୍ଗା ପଞ୍ଚାୟତ ସରପଞ୍ଚ ସାଧନାଞ୍ଜଳି ମହାପାତ୍ର ଉଦଘାଟନ କରିଥିଲେ । ଭୂମିକା ହସ୍ପିଟାଲ୍‌ର ଡାକ୍ତର ତରୁଣ କୁମାର ଜେନା, ପ୍ରିୟଙ୍କା ଜେନା, ନର୍ସିଂ କର୍ମଚାରୀ ଲୋପାମୁଦ୍ରା ପଣ୍ଡା, ରୂପାଲି ସାହୁ ମୋତିଆବିନ୍ଦୁଧାରୀଙ୍କୁ ଚିକିତ୍ସା କରିଥିଲେ । ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ୨୨ ଜଣ ଚିହ୍ନଟ ହୋଇଥିଲେ । ଏହି ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ ହୋଇଥିବା ଲୋକଙ୍କୁ ଭୂମିକା ଚକ୍ଷୁ ହସ୍ପିଟାଲ୍‌କୁ ପଠାଯାଇଥିଲା । ଉତ୍କଳ ଫାଉଣ୍ଡେସନ ସଦସ୍ୟ, ନିତ୍ୟାନନ୍ଦ ଜେନା,



ଜ୍ୟୋତିରଞ୍ଜନ ମହାପାତ୍ର, ସୁଦର୍ଶନ ସାମଲ, ହିମାଂଶୁ ଶେଖର ଜେନା, ସତ୍ୟରଞ୍ଜନ ସାମଲ, ସୌମ୍ୟରଞ୍ଜନ ସାହୁ, ସିଦ୍ଧାର୍ଥ ମାଝୀ, ନିଶିକାନ୍ତ ସାମଲ ଚକ୍ଷୁ ଚିକିତ୍ସା ଶିବିରକୁ ପରିଚାଳନା କରିଥିଲେ । ଉତ୍କଳ ଫାଉଣ୍ଡେସନ ସ୍ୱାସ୍ଥ୍ୟ ଉପରେ କାର୍ଯ୍ୟ କରିଆସୁଛି ।

## ବାସୁଳି ନୋଡାଲ ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ

**ତିହିଡି, ୮।୨(ସମିସ):** ତିହିଡ଼ି ବ୍ଲକ ଅଧୀନ କାଁପଡ଼ା ବାସୁଳି ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ କାହ୍ନୁଚରଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ପାଢ଼ୀ ମୁଖ୍ୟଅତିଥି, ଶ୍ରୀନିବାସ ତ୍ରିପାଠୀ ମୁଖ୍ୟବକ୍ତା, ସରପଞ୍ଚ କୁନ୍ତଳା ମଳିକ, ବାସୁଳି କମିଟି ସଭାପତି ଇନ୍ଦ୍ରମଣି ଦାସ, ସିଆରସିସି ଶନିଶ୍ଚର ମହାଳିକ, ଶିକ୍ଷକ ନିରୋଦ ମଳିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋଲେଖ ଚନ୍ଦ୍ର ରାଉତ, ଗୋପିନାଥ ବାରିକ, ପରିଚାଳନା କମିଟି ସଭାପତି ଲମ୍ବୋଦର ଦାସ, ଆଲୁମିନି କମିଟି ସଭାପତି ଦୁଃଖୀରାମ ମଳିକ ସମ୍ମାନୀତ ଅତିଥିଭାବେ ଦେଇଥିଲେ । ଶିକ୍ଷକ ଅନନ୍ତ କିଶୋର ପାଣିଗ୍ରାହୀ ଅତିଥି ପରିଚୟ, ଶରତ ପାଣିଗ୍ରାହୀ ବିବରଣୀ ପାଠ ଓ ପ୍ରମୋଦ ସେଠୀ ଧନ୍ୟବାଦ ଦେଇଥିଲେ । କମଳାକାନ୍ତ ସାହୁ ପ୍ରମୋଦ କୁମାର ମହାପାତ୍ର ବୁଦ୍ଧେଶ୍ୱର ମାର୍ଣ୍ଡି, ଶ୍ରୀକାନ୍ତ ମଣ୍ଡଳ, ଅଶୋକ କୁମାର ଦାସ, ଜୟନ୍ତୀ ପାଣି ଓ ଅମୂଲ୍ୟ ମହାଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବରିଷ୍ଠ ଓ କନିଷ୍ଠ ବିଭାଗରୁ ଚମ୍ପିଅନ ହୋଇଥିବା ଅମିତ କୁମାର ଦାସ, ପ୍ରିୟଙ୍କା ମଳିକ, ସାନୁ ଦାସ ଓ ଏସ.ପି. ପାୟଲଙ୍କ ସମେତ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସେହିପରି ଶିକ୍ଷୟିତ୍ରୀ ସୁଦତ୍ତା ସାମଲ ଓ ସମୟଗଂଜନ ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## କାହ୍ନୁଚରଣ ଓ ପରମାନନ୍ଦଙ୍କ ସ୍ମୃତିସଭା



**ଭଦ୍ରକ,୮।୨(ସମିସ):** ୟୁନାଇଟେଡ୍ କ୍ଲବ୍‌ର ଦିଗ୍‌ଦର୍ଶକ କାହ୍ନୁଚରଣ ପଲାଇଙ୍କ ଗତ ୩୧ ତାରିଖ ଓ କ୍ଲବର ପୂର୍ବତନ ଫୁଟ୍‌ବଲ୍ କ୍ରୀଡ଼ାବିତ୍ ପରମାନନ୍ଦ ମାଝୀ ୩୦ ତାରିଖରେ ପରଲୋକ ହୋଇଯାଇଛି । ତେଣୁ ଏହି ଦୁଇ ଅମୃତ ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ଏକ ପ୍ରାର୍ଥନା ସଭା ସ୍କୁଲ୍ ରୋଡ୍ ପୂଜାମଣ୍ଡପରେ ଅନୁଷ୍ଠିତ ହୋଇଥିଲା । କ୍ଲବ୍‌ର ସଭାପତି ବିଶାଳ ଗୋପାଳ ଲଖାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରାର୍ଥନା ସଭାରେ ପୂର୍ବତନ ଉପସଭାପତି ପାର୍ଥସାରଥୀ ରାୟ, ପୂର୍ବତନ ସମ୍ପାଦକ ଆଇନଜୀବୀ ବିଜୟ କୁମାର ଜେନା, ଭଲିବଲ୍ କ୍ରୀଡ଼ାବିତ୍ ହିମାଂଶୁ ଶେଖର ଦାସ, ଭଦ୍ରକର ସ୍ୱତନ୍ତ୍ର ପିପି ଆଇନଜୀବୀ ପବନ କୁମାର ଶର୍ମା, ଭଦ୍ରକ ପୌରପାଳିକାର ପାରିଷଦ ଦିଲ୍ଲୀପ ନାୟକ, ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ଉପେନ୍ଦ୍ର ବାରିକ୍, ସ୍କୁଲ୍‌ରୋଡ୍ କାଳୀପୂଜା କମିଟିର ସଭାପତି କଲ୍ଲୋଳ କୁମାର ଲେଙ୍କା, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଧଳ, ରେଳପଥର ପୂର୍ବତନ ପଦାଧିକାରୀ ଭାଗୀରଥି ବେହେରା ପ୍ରମୁଖ ଉଭୟଙ୍କ ଜୀବନର କିଛି କିଛି ଅକୁହା କାହାଣୀ ଅବତାରଣା କରିଥିଲେ । କ୍ଲବ୍‌ର ସମ୍ପାଦକ ନୁର୍ ମହମ୍ମଦ୍ ଖାନ୍ ଏହି ସଭା ପରିଚାଳନା କରିଥିଲେ ।

## ବ୍ୟବସାୟୀଙ୍କ ପରଲୋକରେ ଶୋକସଭା

**ଦୋବଲ,୮ ।୨(ସମିସ):** ଧାମନଗର ବ୍ଲକ ଦୋବଲ କାଳୀ ବଜାରର ବିଶିଷ୍ଟ ବ୍ୟବସାୟୀ ଜଗବନ୍ଧୁ ପାତ୍ର (୮୩)ଙ୍କ ପରଲୋକ ଘଟିଛି । ଦୀର୍ଘ ଦିନ ଧରି ସେ ଅସୁସ୍ଥ ହୋଇଥିଲେ । ଦୋବଲ ବୈଦିକ ଯଜ୍ଞ ମଣ୍ଡପର ଜଣେ ସକ୍ରିୟ ସଦସ୍ୟ ଥିଲେ । ତାଙ୍କର ସ୍ମୃତିରେ ଦୋବଲ ସତସଙ୍ଗ ସମିତି ପକ୍ଷରୁ ସମିତିର ସଭାପତି କୃତିବାସ ତ୍ରିପାଠୀଙ୍କ ସଞ୍ଚାଳନାରେ ସ୍ମୃତି ସଭାରେ ପଣ୍ଡିତ ନକୁଳଦେବ ଶାସ୍ତ୍ରୀ, ପ୍ରମୋଦ ନାୟକ, କମଳାକାନ୍ତ ଦାସ, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ସାହୁ, ହୃଦାନନ୍ଦ କର, ପ୍ରିୟରଞ୍ଜନ ସାମଲ, ପ୍ରଭାତ ସାମଲ, ପଞ୍ଚାନନ ନାୟକ, ଘନଶ୍ୟାମ ଥାଟେଇ, କୃଷ୍ଣଚନ୍ଦ୍ର ଦାସ, ଦେବେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ।

## ଚକ୍ରାପାଢୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଆଗରପଡ଼ା,୮ ।୨(ସମିସ):** ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚକ୍ରାପାଢୀର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ କବିତା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଉଦ୍‌ଘାଟକ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ମୁଖ୍ୟ ଅତିଥି ଭାବେ ବନ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରିଣୀ ମଞ୍ଜୁଳାବାଳା ନାୟକ, ମୁଖ୍ୟବକ୍ତା ଭାବେ ହରିହର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠି ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ସମିତି ସଭ୍ୟ ଧରଣୀଧର କର, ଅଣିଜୋ ସା।ଧନ କେନ୍ଦ୍ର ସଂଯୋଜକ ଅକ୍ଷୟ ସାହୁ, ପୂର୍ବତନ ସରପଞ୍ଚ ବନମାଳୀ ବେହେରା, ସମାଜସେବୀ ପର୍ଶୁରାମ ପାଣିଗ୍ରାହୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ କୁଣ୍ଡୁ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ସହକାରୀ ଶିକ୍ଷକ ପ୍ରଫୁଲ୍ଲ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଫଲ୍ଲ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ଶିକ୍ଷକ ବିଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୃତୀ ପ୍ରତିଭାଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଦିବସବ୍ୟାପି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ପ୍ରଫଲ୍ଲ ନାୟକ, ବିଜୟ ଦାସ, ପ୍ରଫୁଲ୍ଲ ବିଶ୍ୱାଳ, ବିଶ୍ୱନାଥ ଜେନା, ବୃନ୍ଦାବନ ଯେନା, ଶିକ୍ଷୟିତ୍ରୀ କଳ୍ପନା ସାହୁ, ନିରୁପମା ଦାସଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା ସହଯୋଗ କରିଥିଲେ ।

### ଧାରଣାରେ ପ୍ରାଣୀ ଚିକିତ୍ସକ

## ସେବା ପାଇବାରୁ ବଞ୍ଚିତ ଗୋପାଳକ

**ବାସୁଦେବପୁର,୮ ।୨(ସମିସ):** ପ୍ରାଣୀ ଚିକିତ୍ସକମାନେ ଜିଲ୍ଲା ମୁଖ୍ୟାଳୟରେ ବିଭିନ୍ନ ଦାବି ନେଇ ଗତ ୧୯ ଦିନ ଧରି କାର୍ଯ୍ୟବନ୍ଦ ସହିତ ଧାରଣାରେ ବସି ରହିଛନ୍ତି । ଏପଟେ ବାସୁଦେବପୁରରେ ଥିବା ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଅଚଳାବସ୍ଥା ଜାରି ରହିଥିବା ଦେଖିବାକୁ ମିଳିଛି । ଅବସ୍ଥାପିତ ଦୁଇଜଣ ଡାକ୍ତର ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ଏଠାରେ ବହୁ ଗୋପାଳକ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ଲୋକ ଡାକ୍ତରଖାନାରୁ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଅନେକ ନିଜର ଗୋପାଳନ ବେଉସାକୁ ନେଇ ଧନ୍ଦି ହେଉଛନ୍ତି । ଋତୁ ପରିବର୍ତ୍ତନ ସହିତି ଗୃହପାଳିତ ପଶୁପକ୍ଷୀଙ୍କଠାରେ ନାନା ରୋଗ ଦେଖିବାକୁ ମିଳୁଛି । ହେଲେ ତାହାର ନିରାକରଣ ପାଇଁ ଲୋକମାନେ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ନିଜର ପାଳିତ ଗୋରୁଗାଇ ଓ ପଶୁମାନଙ୍କୁ ଆଣି ନିରାଶ ହୋଇ ଫେରୁଛନ୍ତି । ବାସୁଦେବପୁର ବ୍ଲକରେ ବହୁ ବ୍ୟକ୍ତି ଗୃହପାଳିତ ପଶୁପକ୍ଷୀ ରଖିଛନ୍ତି । ତେଣୁ ଗୃହପାଳିତ ପଶୁପକ୍ଷୀଙ୍କୁ ବାରମ୍ବାର ରୋଗ ହେବାରୁ ତାହା ଚାଷୀଙ୍କ ଚିନ୍ତା ବଢାଇ ଦେଇଛି ।

ଡାକ୍ତରଙ୍କ ଅନୁପସ୍ଥିତ ପାଇଁ ପ୍ରାଣୀଧନ ନୀରିକ୍ଷକମାନେ କାମ ଚଳାଇଛନ୍ତି । ଏମିତି ପରିସ୍ଥିତିରେ ନୀରିକ୍ଷକମାନେ ଔଷଧ ଲେଖି ପାରୁନଥିବା ବେଳେ ଖାଲି ଗୋପାଳକମାନଙ୍କୁ ପରାମର୍ଶ ଦେଇ ବିଦା କରୁଥିବା ନଜରକୁ ଆସୁଛି । ଏହି ବ୍ଲକରେ ୧୧ଟି ପ୍ରାଣୀଧନ ନିରୀକ୍ଷା କେନ୍ଦ୍ର ରହିଛି । ଏହି ୧୧ଟି କେନ୍ଦ୍ରରେ ମାତ୍ର ୭ ଜଣ ନିରୀକ୍ଷକ କାମଚଳା ଭାବେ ନିଯୁକ୍ତି ରହିଛନ୍ତି । ତେବେ ବାସୁଦେବପୁର ସଦରରେ କିଛି ନୀରିକ୍ଷକ କାମ ଚଳାଇଛନ୍ତି । ବିଶେଷ ଭାବେ ବ୍ଲକର କୃଷ୍ଣପୁର, ନରସିଂହପୁର, ଲକ୍ଷ୍ମୀଦାସପୁର, ଆନ୍ଦୋଳା, କରଞ୍ଜଆଡ଼ିଆ, ବାରାପୁର ଓ ଇରମ ଆଦି ଅଞ୍ଚଳରେ ଗୋପାଳକ ଅଧିକ ରହିଥିବା ବେଳେ ଲୋକମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ।

# ପେସାରେ ଶିକ୍ଷକ; ନିଶା କୃଷି କାର୍ଯ୍ୟ

**ଅସୁରାଳି,୮।୨(ସମିସ)**

ଧାମନଗର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମପଞ୍ଚାୟତର ଇଚ୍ଛାପୁର ଗ୍ରାମର ଅକ୍ଷୟ କୁମାର ପ୍ରଧାନ ପେସାରେ ଜଣେ ଶିକ୍ଷକ; କିନ୍ତୁ ନିଶା ତାଙ୍କର କୃଷି କାର୍ଯ୍ୟ । ଜଣେ ଛାତ୍ର ବତ୍ସଳ ଆଦର୍ଶ ଶିକ୍ଷକ ଭାବେ ସେ ଯେମିତି ଛାତ୍ରଛାତ୍ରୀ, ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି ସେହିପରି ଜଣେ ସଫଳ କୃଷିବିତ୍ ଭାବେ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଛନ୍ତି । ଅକ୍ଷୟ ପ୍ରଧାନ ଅଧୁନା ଭଦ୍ରକ ଆଖଣ୍ଡଳମଣି ମୁଖ୍ୟ ରାସ୍ତାରେ ଅବସ୍ଥିତ ନେତ୍ରପୀଠ ମା' ବରୁଣାଇ ମନ୍ଦିରର ଅନତି ଦୂରରେ ନିଜର ବାସଗୃହ କରି ରହୁଛନ୍ତି । ପରିବେଶ ଓ ପ୍ରକୃତିକୁ ଅତ୍ୟନ୍ତ ଭଲ ପାଉଥିବା ଅକ୍ଷୟ ନିଜ ଘର ପାଖରେ ଫୁଲ ଓ ଫଳର ଯେଉଁ ମନୋରମ ବଗିଚାଟିଏ ନିଜ ହାତରେ ସୃଷ୍ଟି କରିଛନ୍ତି ତାହା ଯେକୌଣସି ପ୍ରକୃତି ପ୍ରେମୀଙ୍କୁ ଆକର୍ଷିତ କରିବ । ପ୍ରତିଦିନ ପବିତ୍ର ଆଖଣ୍ଡଳମଣି ପୀଠକୁ ଯାଉଥିବା ଶହ ଶହ ପର୍ଯ୍ୟଟକମାନଙ୍କର ଏହି ବଗିଚା ଦୃଷ୍ଟି ଆକର୍ଷଣ କରିଥାଏ । ଅପଲକ ନେତ୍ରରେ ପ୍ରତ୍ୟେକ ଯାତ୍ରୀ କିଛି କ୍ଷଣ ପାଇଁ ଏହି ବଗିଚାକୁ ଚାହିଁ ଦେବାର କୌତୁହଳକୁ ରୋକିପାରେନାହିଁ । ରଙ୍ଗବେରଙ୍ଗର ଜାତିଜାତିର ଦେଶୀ ଓ ବିଦେଶୀ ଫୁଲ ଗଛରେ ଋତୁ ଅନୁଯାୟୀ ଫୁଟୁଥିବା ଫୁଲ ସତେ ଯେମିତି ପଥଚାରୀ ମାନଙ୍କୁ ହାତ ଠାରି ଡାକୁଥାଏ । କେବଳ ଫୁଲ ନୁହେଁ; ବିଭିନ୍ନ ପ୍ରଜାତିର ଫଳ ଯଥା- ଲେମ୍ବୁ, ପିଜୁଳି, ଆମ୍ବ, କଦଳୀ, ଆତ, ବ୍ୟତୀତ ବିଭିନ୍ନ ଔଷଧୀୟ ବୃକ୍ଷରେ ବଗିଚା ପରିପୂର୍ଣ୍ଣ । ଏହା ଛଡା ବିଭିନ୍ନ କିସମର ଆମ୍ବତଭଣ୍ଡା, ସଜନା ଛୁଇଁ, ସେଓ, ବାରମାସୀ ଆମ୍ବ, ସ୍ଲେଟ୍ କମଳା, ତେଜପତ୍ର, ଲବଙ୍ଗ ଠାରୁ ଆରମ୍ଭ କରି ଜାତି ଜାତିକା ଶାଗ ଓ ପନିପରିବାର ସମ୍ଭାର ଦେଖିବାକୁ ମିଳେ ତାଙ୍କ ବଗିଚାରେ । ଶିକ୍ଷାଦାନ ପରେ ବଳକା ସମୟ ଓ ଛୁଟି ଦିନରେ ଦୃଢ଼ ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମରେ ଗଢ଼ିଛନ୍ତି ଏକ ଛୋଟ ସବୁଜ ଦୁନିଆ । ସବୁଠାରୁ ଆଶ୍ଚର୍ଯ୍ୟର କଥା ନିଜ ପରିବାର ବ୍ୟତୀତ ଅନ୍ୟ କାହାରି ସହାୟତା ନେଇ ନଥିବା ବେଳେ କୌଣସି ରାସାୟନିକ ସାରର ପ୍ରୟୋଗ ମଧ୍ୟ ସେ କରନ୍ତି ନାହିଁ । ନିଜ ଘରେ ନିଜ ହାତରେ ବିଭିନ୍ନ ପରିବା ଚୋପା, ଅଗାଡ଼ି, ଗୋବର, ବିଭିନ୍ନ ଗଛର ପତ୍ରକୁ ବ୍ୟବହାର କରି ଜୈବିକ ସାର ପ୍ରସ୍ତୁତ କରି ସେ ଗଛରେ ପ୍ରୟୋଗ କରିବା ସହିତ କୀଟନାଶକ ଭାବରେ ଲିମ୍ବ ପତ୍ରକୁ ବ୍ୟବହାର କରିଥାନ୍ତି । ତାଙ୍କର ଏହି କୃଷି କାର୍ଯ୍ୟ ଯେତିକି ପ୍ରଶଂସନୀୟ ସେତିକି ଅନୁକରଣୀୟ । ବର୍ତ୍ତମାନର ବସ୍ତୁବାଦୀ ଦୁନିଆରେ ସେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟି ଯାଇଛନ୍ତି ୫୮ବର୍ଷ ବୟସ୍କ ଅକ୍ଷୟ । ୧୯୯୦ମସିହାରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଅଧୁନା ତୋରବନ୍ତିଆ ନୋଡାଲ ବିଦ୍ୟାଳୟରେ ୭ବର୍ଷ ଧରି ଶିକ୍ଷକତା କରୁଛନ୍ତି । ଦୁଇ ପୁଅ ତାଙ୍କର ଉଚ୍ଚ ଶିକ୍ଷିତ ଓ ବାଙ୍ଗାଲୋରରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ । ଏହି ବଗିଚା କାର୍ଯ୍ୟ ଓ କୃଷି କାର୍ଯ୍ୟରେ ତାଙ୍କ ସ୍ତ୍ରୀ ଜୟନ୍ତୀ ପ୍ରଧାନ ତାଙ୍କୁ ସହଯୋଗ କରିଥାନ୍ତି । ଅବସର ଗ୍ରହଣ ପରେ ସେ ନିଜ ଅଞ୍ଚଳରେ କୃଷିର ବିକାଶ ଦିଗରେ କାର୍ଯ୍ୟ କରିବା ସହିତ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ନକରି ଜୈବିକ ପଦ୍ଧତି ରେ ପ୍ରସ୍ତୁତ ଔଷଧ ଓ ସାର ପ୍ରୟୋଗରେ କୃଷିକାର୍ଯ୍ୟ ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ବାସ୍ତବରେ ବର୍ତ୍ତମାନ ସମୟରେ ଅକ୍ଷୟ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି ।



## ଦୁର୍ଘଟଣାରେ ଜଣେ ମୃତ, ୨ ଆହତ

କୁଆଖିଆ, ୮ ।୨(ସମିସ): କୁଆଖିଆ ଥାନା ଅନ୍ତର୍ଗତ କୁଆଖିଆ-ଜେନାପୁର ରାସ୍ତାର ମଧୁବନ ରୋଡରେ ଗୁରୁବାର ଅପରାହ୍ଣରେ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ ହୋଇଥିବା ୨ଜଣ ଆହାତ ହୋଇଥିବା ଜଣାଯାଇଛି । ମୃତ ବ୍ୟକ୍ତି ଜଣକ ହେଉଛନ୍ତି ରସୁଲପୁର ପଞ୍ଚାୟତ ଚଣ୍ଡିପୁର ଗ୍ରାମର ତିଳ ବାରିକ(୫୮) ବୋଲି ଜଣାଯାଇଛି । ଆହତ ବ୍ୟକ୍ତି ଦ୍ୱୟ ହେଲେ ଭୋଟକା ପଞ୍ଚାୟତ ଇଛାପୁର ଗ୍ରାମର କୁନ ରଣାଙ୍କ ଦୁଃଶାସନ (୨୫), ଶ୍ୟାମସୁନ୍ଦର ସାହୁ ପୁଅ ନକୁଳ(୨୪) ବୋଲି ଜଣାପଡ଼ିଛି । ଆହତଙ୍କ ମଧ୍ୟରୁ ଦୁଃଶାସନଙ୍କ ଅବସ୍ଥା ଗୁରୁତର ରହିଛି । ଘଟଣାରୁ ପ୍ରକାଶ ଯେ ଦୁଃଶାସନ ଓ ନକୁଳ ଏକ ବାଇକ୍‌ରେ ମଧୁବନ ଅଭିମୁଖେ ଯାଉଥିଲେ । ଚଣ୍ଡିପୁର ଛକ ନିକଟରେ ଭାରସାମ୍ୟ ହରାଇ ତିଳ ବାରିକକୁ ଧକ୍କା ଦେଇଥିଲେ । ଘଟଣାସ୍ଥଳରେ ବାଇକ ଆରୋହୀ ଦ୍ୱୟ ତିଳ ବାରିକ ଗୁରୁତର ହୋଇପଡ଼ିଥିଲେ । ସେମାନଙ୍କୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ମଧୁବନ ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଡାକ୍ତର ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ । ତିଳ ବାରିକଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିବାବେଳେ ଦୁଃଶାସନର ଅବସ୍ଥା ଗୁରୁତର ଥିବା ଜଣାଯାଇଛି । ନକୁଳର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଘଟିଥିବା ସୂଚନା ମିଳିଛି ।

## ୱାରେଣ୍ଟିଙ୍କୁ ଧରିବାକୁ ପୁଲିସର ଚଢ଼ଉ

ପ୍ରୀତିପୁର, ୮ ।୨(ସମିସ): ଯଦିଓ ବିଧିବଦ୍ଧ ଭାବେ ସାଧାରଣ ନିର୍ବାଚନ ତାରିଖ ଘୋଷଣା କରାଯାଇନାହିଁ, ତେବେ ପ୍ରଶାସନ ମହଲରେ ବିଭିନ୍ନ ପ୍ରସ୍ତୁତି ନିର୍ବାଚନ ତାରିଖ ଖୁବ ନିକଟରେ ବୋଲି ଜଣାପଡୁଛି । ନିର୍ବାଚନ ପୂର୍ବରୁ ବିଞ୍ଝାରପୁର ଥାନା ପୁଲିସ ପୂର୍ବ ୱାରେଣ୍ଟିଙ୍କୁ ଘନ ଘନ ଚଢ଼ଉ କରି ଗିରଫ କରୁଥିବା ଦେଖାଦେଇଛି । ଗତକାଲି ରାତିରେ ବିଞ୍ଝାରପୁର ଥାନା ଅଧିକାରିଣୀ ଅଂଶୁମାଳା ଦାସ ୫ରୁ ଉର୍ଦ୍ଧ୍ୱ ୱାରେଣ୍ଟିଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

## ଦାନଗଦି ବ୍ଲକ ଉପାଧ୍ୟକ୍ଷଙ୍କ ଭାତୃ ବିୟୋଗ

ଦାନଗଦି, ୮ ।୨ (ସମିସ): ଦାନଗଦି ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀଙ୍କ ସାନଭାଇ ଚିତ୍ତରଞ୍ଜନ ବିନ୍ଧାଣୀ (୨୩)ଙ୍କ ଆଜି ପୂର୍ବାହ୍ଣରେ ବିୟୋଗ ଘଟିଛି । ପଙ୍କପାଳ ପଞ୍ଚାୟତ ବଡ଼ସୁଳିଡିଅ ଗ୍ରାମର ଦୁର୍ଯ୍ୟୋଧନ ବିନ୍ଧାଣୀଙ୍କ ପୁଅ ଚିତ୍ତରଞ୍ଜନ ଗତ କିଛି ମାସ ତଳେ ମାଣତିରା ଛକ ନିକଟରେ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ । ସେବେଠାରୁ ଦୀର୍ଘଦିନ ଧରି ଚିକିତ୍ସାଧୀନ ରହିବା ପରେ ଗତ କିଛିଦିନ ତଳେ ଘରକୁ ଫେରିଥିଲେ । ମାତ୍ର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ହୋଇ ନ ଥିଲା । ଗୁରୁବାର ୧୧ଟା ବେଳେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ । ତାଙ୍କୁ ଦାନଗଦି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା ।

## ଟାଟା ପ୍ରକଳ୍ପ ପରିସରରୁ ଚୋରି ଘଟଣାରେ ଦୁଇ କୋର୍ଟ ଚାଲାଣ

ସୁକିନ୍ଦା, ୮ ।୨(ସମିସ): କଳିଙ୍ଗନଗରସ୍ଥ ଟାଟା ପ୍ରକଳ୍ପ ପରିସରରୁ ବିଭିନ୍ନ ସାମଗ୍ରୀ ଚୋରି କରିବା ଅଭିଯୋଗରେ ଦୁଇ ଯୁବକଙ୍କୁ କଳିଙ୍ଗନଗର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । କଳିଙ୍ଗନଗର ଥାନା ଅନ୍ତର୍ଗତ ମିରିଗିଚରା ଗ୍ରାମର ପୃଥିରାଜ ବଦରାଙ୍କ ପୁଅ ମନୋଜ ବଦରା(୨୨) ଓ କାଳିଆପାଣି ଥାନା ଅନ୍ତର୍ଗତ ଗରାମିଆ ଗ୍ରାମର ନାରାୟଣ ବାରିଙ୍କ ପୁଅ ମୁକେଶ ବାରିକ(୧୯) ବୁଧବାର ବିଳମ୍ବିତ ରାତିରେ ଟାଟା ପ୍ରକଳ୍ପ ପରିସରରୁ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ସମୟରେ ସୁରକ୍ଷା କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲେ । ସୁରକ୍ଷାକର୍ମୀ ଉଭୟ ଯୁବକଙ୍କୁ କାବୁ କରି କଳିଙ୍ଗନଗର ଥାନାରେ ଜିମା ଦେଇ ଲିଖିତ ଅଭିଯୋଗ କରିଥିଲେ । କଳିଙ୍ଗନଗର ପୁଲିସ ଘଟଣାର ତଦନ୍ତ କରିବା ପରେ ଏକ ମାମଲା ରୁଜୁ କରି ଗୁରୁବାର ଦିନ ଉଭୟ ଯୁବକଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

## ଯକ୍ଷ୍ମା ସଚେତନତା ପାଇଁ ମାରାଥନ କାର୍ଯ୍ୟକ୍ରମ




ବିଞ୍ଝାରପୁର, ୮ ।୨(ସମିସ): ବିଞ୍ଝାରପୁର ବ୍ଲକରେ ଅବସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଯକ୍ଷ୍ମା ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ୨୦୨୫ ସୁଧା ଯକ୍ଷ୍ମା ମୁକ୍ତ ଭାରତ ସ୍ୱପ୍ନକୁ ସାକାର କରିବାକୁ ଗୋଷ୍ଠୀ ସଚେତନତା ସଭା, ପଞ୍ଚାୟତିରାଜ ସଦସ୍ୟଙ୍କ ସଭା, ପଥପ୍ରାନ୍ତ ପାଲା ମାଧ୍ୟମରେ ବ୍ଲକର ବାଙ୍ଗରା, ହଳଦିଡିହ, ଜରୀ, ଉତ୍ତଙ୍ଗରା, କପିଳା ଓ ଚିକଣା ପଞ୍ଚାୟତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କ୍ଷୀତିସ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଉପାଧ୍ୟକ୍ଷ ସେକ୍ ଏରସାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ସ୍ୱାସ୍ଥ୍ୟ ପରିଦର୍ଶକ (ଏସଟିଏସ) ଶୀତିକଣ୍ଠ ମିଶ୍ର ଯକ୍ଷ୍ମା ରୋଗର ନିରାକରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ପିଏଚଇ ସସ୍ମିତା ସିଂହ, ବିଡିଏମ ବିଜୟ ସାହୁ, କ୍ଷୀରାବ୍ଧି ଜେନା, ସେକ ତାଜଉଦ୍ଦିନ, ପ୍ରେମାନନ୍ଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଦୁବକଣ ଛକ ବନ୍ୟା ଆଶ୍ରୟସ୍ଥଳୀ

# କେବେ ସରିବ ନିର୍ମାଣ କାମ

କୟାଁଗୋଲା, ୮ ।୨(ସମିସ):

ଦଶରଥପୁର ପଞ୍ଚାୟତ ସମିତି ତଥା କୟାଁ ପଞ୍ଚାୟତ ଅନ୍ତର୍ଗତ ଦୁବକଣ ଗ୍ରାମ ଛକରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କାମ ଚାଲିଛି । ଉକ୍ତ ବନ୍ୟା ଆଶ୍ରୟସ୍ଥଳୀ କାମ ମନ୍ଥର ଗତିରେ ଚାଲିଛି । ଏହା ପୂର୍ବଭଳି ନିର୍ମାଣଧୀନ ଅବସ୍ଥାରେ ହିଁ ରହିଛି । ନିୟମିତ ଭାବେ ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ହେଉଥିବା ଉକ୍ତ ଅଞ୍ଚଳର ଲୋକଙ୍କୁ ତ୍ୱରିତ ଆଶ୍ରୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ଉକ୍ତ ଆଶ୍ରୟସ୍ଥଳ ନିର୍ମାଣ ହେଉଥିବାବେଳେ ଏହାର ନିର୍ମାଣ କାମରେ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।



ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ କୟାଁ, ଧରମପୁର, ମାଧପୁର, ଇଚ୍ଛାପୁର, ମଲ୍ଲିପୁର, ଗୁଣ୍ଡୁନିପଡ଼ା, ଗହୀରପାଳ, ଦରଭା, ଦୁବକଣ, ଗରବନ୍ଧ ଅଞ୍ଚଳରେ ବନ୍ୟାର ପ୍ରଭାବ ଲୋକଙ୍କ ଧନ ଜୀବନକୁ ପ୍ରଭାବିତ କରିଥାଏ । ବୈତରଣୀ ନଦୀ ଗର୍ଭରେ ଲୀନ ହୋଇଥାଏ । ଏହି ଅଞ୍ଚଳ ପ୍ରାୟ ତିନି ମାସ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୁଏ । ଲୋକଙ୍କ ଦୁଃଖ କହିଲେ ନ ସରେ । ଗମନାଗମନ ପାଇଁ ଡ଼ଙ୍ଗା ଏକା ସାହା ଭରସା । ଭୋକ ବିକଳରେ ଖାଦ୍ୟ ପାନୀୟ ଭାବେ ଅସୁରକ୍ଷିତ ପାଣିକୁ ବ୍ୟବହାର କରିଥା'ନ୍ତି । ସେଥିପାଇଁ ରୋଗ ଆକ୍ରାନ୍ତରେ ପ୍ରାୟ ଲୋକ ସମ୍ମୁଖୀନ ହୋଇଥା'ନ୍ତି । ବୈତରଣୀ ନଦୀର ବନ୍ୟାର ଭୟ ଅପେକ୍ଷା କୁମ୍ଭୀରର ଆତଙ୍କ ଲୋକଙ୍କୁ ଅତ୍ୟଧିକ ମାତ୍ରାରେ ଭୟଭୀତ କରାଇଥାଏ । ସେହି ସମୟରେ କୟାଁ ଅଞ୍ଚଳର ଯେଉଁ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପିତ ହୋଇଛି, ସେ ମଧ୍ୟ ଚତୁପାର୍ଶ୍ୱରେ ଜଳମଗ୍ନରେ ବୁଡ଼ି ରହିଥାଏ । ଲୋକମାନେ ସାଧାରଣତଃ ଅଧିକାରରୁ ବଞ୍ଚିତ ହୋଇଥା'ନ୍ତି । ରାସ୍ତାଘାଟର ସୁବିଧା ନାହିଁ କି ପାନୀୟ ଜଳର ସୁବିଧା ବି ନାହିଁ । ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନାହାନ୍ତି, ବନ୍ୟା ଆଶ୍ରୟ ସ୍ଥଳୀ ପୀଡିତ ଅଞ୍ଚଳଠାରୁ ପ୍ରାୟ ୫ କିଲୋମିଟର ଦୂରରେ କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି । ବନ୍ୟା ଆଶ୍ରୟସ୍ଥଳୀ ପ୍ରକଳ୍ପର ନିର୍ମାଣ କାମ ବିଳମ୍ବ ନ କରି ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ସମ୍ପୂର୍ଣ୍ଣ କରି ସେବା ପ୍ରଦାନ ଯୋଗ୍ୟ କରାଇବାକୁ ଅଞ୍ଚଳବାସୀ ଗଣନାଥ ପରିଡ଼ା, ମଧୁସୂଦନ ପୃଷ୍ଟି, ବିନୋଦ ବିହାରୀ ଦାସ, ବ୍ରଜକିଶୋର ମାଝୀ, ଚନ୍ଦ୍ରଶେଖର ଦାସ ଦୃଢ଼ ଦାବି କରିଛନ୍ତି ।

## ବିଞ୍ଝାରପୁର ସାମ୍ବାଦିକ ୟୁନିଅନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ପ୍ରୀତିପୁର, ୮।୨(ସମିସ): ବିଞ୍ଝାରପୁର ସାମ୍ବାଦିକ ୟୁନିଅନ ପକ୍ଷରୁ ଏକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି । ଏ ଅବସରରେ ସାମ୍ବାଦିକ ୟୁନିଅନର ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ, ସମ୍ମାନିତ ଅତିଥି ଭାବେ ବରୁଣେଶ୍ୱର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ଯୁବ ସମାଜସେବୀ କୈଳାସ ସେଠୀ, ଯାଜପୁର ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ସମ୍ପାଦକ ପ୍ରବୋଧ ମିଶ୍ର, ଆଇନଜୀବୀ ମାନଗୋବିନ୍ଦ ଧଳ ଯୋଗ ଦେଇଥିବାବେଳେ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଓଡ଼ିଶା ସାମ୍ବାଦିକ ୟୁନିଅନର ରାଜ୍ୟ ଉପସଭାପତି ତଥା ରାଜ୍ୟ ବାର କାଉନସିଲର ନବନିର୍ବାଚିତ ଉପାଧ୍ୟକ୍ଷ ରାଜୀବ ମହାନ୍ତି ଓ ବିଞ୍ଝାରପୁର ଥାନା ଅଧିକାରିଣୀ ଅଂଶୁମାଳା ଦାସ ଯୋଗ ଦେଇଥିଲେ । ସମାଜକୁ ଶୃଙ୍ଖଳିତ ଓ ମାର୍ଜିତ କରିବାରେ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀ ସମେତ ପୁଲିସ, ପ୍ରଶାସନ, ସରକାରଙ୍କ ଦୃଷ୍ଟିକୁ ଆସୁ ନ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ସାମ୍ବାଦିକ ଲୋକଲୋଚନାକୁ ଆଣି ସମାଜର ବହୁ ମଙ୍ଗଳ ସାଧନ କରିଥା'ନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।
ଏ ଅବସରରେ ବିଞ୍ଝାରପୁର ସାମ୍ବାଦିକ ୟୁନିଅନ ପକ୍ଷରୁ ରାଜ୍ୟ ବାର କାଉନସିଲର ଉପାଧ୍ୟକ୍ଷ ରାଜୀବ ମହାନ୍ତି ଓ ବିଞ୍ଝାରପୁର ଥାନା ଅଧିକାରିଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ସଭାପତି ଦେବ ପ୍ରସାଦ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଏସକେ ସନୱାର ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଗୋପାଳ ସୂତାର, ରାମକୃଷ୍ଣ ଦାସ, ଅନଙ୍ଗ ଉଦୟ ବେଉରିଆ, ସୀତାକାନ୍ତ ସାମଲ, ସୁରେନ୍ଦ୍ର ସାମଲ, ସତ୍ୟରଞ୍ଜନ ମଲ୍ଲିକ, ବିଶ୍ୱଜିତ ନାୟକ, ଗୁଲସନ ନୱାଜ ଅଲି ଖାଁ, ଏମଡି ମମତାଜ, ଶଙ୍କର୍ଷଣ ସାମଲ, ନିମାଇଁ ଘଡାଇ, ମୈଦୁଲ ଇସଲାମ ପ୍ରମୁଖ ଯୋଗଦେଇଥିଲେ । ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ସଂଯୋଜକ ସତ୍ୟରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## କବିରାଜଙ୍କ ପରଲୋକ

ଧର୍ମଶାଳା, ୮ ।୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚହଟା ପଞ୍ଚାୟତ ଭାଲୁଖାଇ ଗ୍ରାମର ପୁରାତନ କବିରାଜ ଅବଧୂତ ରାଉତ (୮୪)ଙ୍କ ଗୁରୁବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି । ଆଜି ହଠାତ୍ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟଶଯ୍ୟା ନିକଟରେ ସ୍ତ୍ରୀ, ପୁଅବୋହୂ, ନାତିନାତୁଣୀ ଉପସ୍ଥିତି ଥିଲେ । ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ସମାଜସେବୀ କାହ୍ନୁଚରଣ ଦାଶ, ଗୋଲକ ଚନ୍ଦ୍ର ପଲେଇ, ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା, କୃଷକ ନେତା ବସନ୍ତ କୁମାର ପରିଡ଼ା, ବନମାଳୀ ରାଉତ, ଜଗନ୍ନାଥ କମିଟି ସଭାପତି ପ୍ରସନ୍ନ କୁମାର ବରାଳ, ବିଚିତ୍ର ସ୍ୱାଇଁ, ସୁଦୀପ୍ତ ସ୍ୱାଇଁ, ପ୍ରଫୁଲ୍ଲ କୁମାର ରାୟ, ବ୍ଲକ ଯୁବ ବିଜେଡ଼ି ସଭାପତି କ୍ଷିତୀଶ ନାୟକ, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୌମ୍ୟ ପ୍ରକାଶ ବିଶ୍ୱାଳ, ଜାରକା ସରପଞ୍ଚ ସୁଦାମ ବେହେରା, ଯୁବନେତା ପ୍ରଭୁଦତ ଜେନା, ଜ୍ଞାନେନ୍ଦ୍ର ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଶୋକ ବ୍ୟକ୍ତ କରିଛନ୍ତି । ଦୁଇ ପୁଅ ଅକ୍ଷୟ କୁମାର ରାଉତ ଓ ଅଭୟ କୁମାର ରାଉତ ମୁଖାଗ୍ନି ଦେଇଥିଲେ ।



## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

ହରିପୁର, ୮ ।୨ (ସମିସ): ଆସନ୍ତା ୧୧ ତାରିଖ ଦିନ କୁଆଖିଆ ପରିବା ମାର୍କେଟରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ରାଜ୍ୟ ସରକାରଙ୍କ ନୂଆ ଯୋଜନା 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉକ୍ତ କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକ ଅଞ୍ଚଳର ସଫଳ କ୍ରୀଡାବିତ୍ ଓ କ୍ରୀଡ଼ା ଅନୁଷ୍ଠାନଙ୍କୁ ସମ୍ମାନିତ କରାଯିବ । ସେହିପରି ୧୩ ତାରିଖରେ ଜିଲ୍ଲାସ୍ତରୀୟଉତ୍ସବଅନୁଷ୍ଠିତହେବ ।୧୫ ତାରିଖରେବ୍ଲକରସିଂହାପୁର, ପହଙ୍ଗା, ଶ୍ରୀବନ୍ତପୁର, ଓ ଭୋଟକା ପ୍ରଭୃତି ପଞ୍ଚାୟତରେ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ ହେବ । ଏହାଦ୍ୱାରା ପ୍ରତି ଗ୍ରାମର ଜନସାଧାରଣ ବଜାର ସହରରେ ଥିବା ବ୍ୟାଙ୍କକୁ ନ ଦୌଡି ଘରପାଖ ସେବାକେନ୍ଦ୍ରରୁ ସମାନ ସେବା ପାଇପାରିବେ ବୋଲି ରସୁଲପୁର ବ୍ଲକ ପକ୍ଷରୁ ବ୍ଲକ ସଭାଗୃହରେ ସାମ୍ବାଦିକ ସମ୍ମିଳନୀ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ବିଡିଓ ଅବନୀକାନ୍ତ ସାହୁ ସୂଚନା ଦେଇଛନ୍ତି । ୧୬ରୁ ୧୯ ତାରିଖ ମଧ୍ୟରେ ପ୍ରତି ପ୍ରଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଓ ପ୍ରତି ଯୋଜନାରେ ବିନିଯୋଗ ଅର୍ଥର ପରିମାଣ ସହ ଯୋଜନା ସମ୍ପର୍କିତ ବିସ୍ତୃତ ସୂଚନା ଜନସାଧାରଙ୍କୁ ପ୍ରଦାନ କରାଯିବ । ଏଥିରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବେ । ଏତଦବ୍ୟତୀତ ଆସନ୍ତା ୧୬ ତାରିଖରେ ରାଜ୍ୟସରକାରଙ୍କ 'ଲକ୍ଷ୍ମୀ'ଯୋଜନା ଯାଜପୁର ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଥିବା ସୂଚନା ଦିଆଯାଇଛି ।

## ଗାଁ ମାଟିରେ ଶତାୟୁ ସଂଗ୍ରାମୀ ନୀଳମଣିଙ୍କୁ ଶ୍ରଦ୍ଧାଞ୍ଜଳି





'ସଂଗ୍ରାମର ଶେଷବହ୍ନି' ପୁସ୍ତକ ଲୋକାର୍ପଣ

କୁନ୍ଦଳ/ବାଲିକୁଦା, ୮ ।୨ (ସମିସ):

ବିଦେଶୀ ଶାସନ ହାତରୁ ଭାରତ ବର୍ଷକୁ ସ୍ୱାଧୀନ କରିବା ଲାଗି ସାରା ଦେଶର ଅଗଣିତ ଦେଶ ଭକ୍ତ ଯେଉଁ ବହ୍ନି ଜାଳିଥିଲେ ତାହା ଚିରକାଳ ଅମ୍ଳାନ ରହିବାର ବିଶେଷତ୍ୱ ରହିଛି ବୋଲି ଶତାୟୁ ସଂଗ୍ରାମୀ ନୀଳମଣି ସାମଲଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ଯୋଗଦେଇ ମତ ରଖିଥିଲେ । ତାଙ୍କ ପରଲୋକରେ ନିଜ ଜନ୍ମମାଟି ବାଲିପଡ଼ିଆଠାରେ ଏକ ରାଜ୍ୟସ୍ତରୀୟ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଦଳମତ ନିର୍ବିଶେଷରେ ବହୁ ବିଶିଷ୍ଟ ବ୍ୟକ୍ତି, ମନ୍ତ୍ରୀ, ବିଧାୟକ, ଶିକ୍ଷାବିତ୍, ସାମ୍ବାଦିକ ଯୋଗଦେଇ ଭକ୍ତିପୁତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବରୀ ବିଧାୟିକା ସୁନନ୍ଦା ଦାସ, କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟିକା ଡଃ ସିପ୍ରା ମଲ୍ଲିକ ଯୋଗଦେଇ ନୀଳମଣି ସାମଲଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରାରମ୍ଭରେ ଟିମ୍ ବଡ଼ଚଣା ଅଧ୍ୟକ୍ଷ ଅଦ୍ୱିତୀୟ ଶତପଥୀଙ୍କ ନେତୃତ୍ୱରେ ଯୁବକଙ୍କୁ ନେଇ ଚଣ୍ଡିଖୋଲ ଛକ ନିକଟରୁ ସଂଗ୍ରାମ ଜ୍ୟୋତି (ମସାଲ ଶୋଭାଯାତ୍ରା) ବାହାରି ବାଲିପଡ଼ିଆ ଅଭିମୁଖେ ଯିବା ସମୟରେ ବନ୍ଦରେଶ୍ୱରଠାରେ ଜ୍ୟୋତିକୁ ସ୍ୱାଗତ କରାଯାଇ ବାଲିପଡ଼ିଆ ଶ୍ରଦ୍ଧାଞ୍ଜଳି ସ୍ଥଳକୁ ଅଣାଯାଇଥିଲା । ସ୍ୱାଧିନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ ରାଜ୍ୟ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସ୍ତମ୍ଭକାର ପ୍ରଫେସର ଧନେଶ୍ୱର ସାହୁ, ସ୍ୱାଧୀନତା ସଂଗ୍ରାମୀ ଫକିର ମୋହନ ଦାସ, ବିଶିଷ୍ଟ ସାହିତ୍ୟିକ ଡଃ ବିଜାୟନନ୍ଦ ସିଂହ, ପ୍ରଫେସର ରବୀନ୍ଦ୍ର ନାଥ ସାମଲ, ଶିକ୍ଷାବିତ୍ ଭାଗ୍ୟଧର ସାହୁ, ଉମାକାନ୍ତ ବଳ, ପ୍ରଫେସର କେଶବ ଚନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ସୁଆର, ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟଦ ସଂଗଠନର କାର୍ଯ୍ୟକର୍ତ୍ତା ବିଜୟ କୁମାର ତ୍ରିପାଠୀ, ଯୁବ ସମ୍ମୁଖ୍ୟର ଅଭୟ ବଡ଼ଜେନା, ଗିରିଜା ଶଙ୍କର ମହାପାତ୍ର, ପ୍ରମେଶ ମହାନ୍ତି, ଶିବନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ଭକ୍ତିସୁମନ ଅର୍ପଣ ସହ ଶତାୟୁ ସଂଗ୍ରାମୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ ।

ସଂଗ୍ରାମୀଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା 'ସଂଗ୍ରାମର ଶେଷବହ୍ନି ଶିଖା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସମାଜସେବୀ ଅଲେଖ ସାମଲ, ନିର୍ମଳ ଚନ୍ଦ୍ର ମିଶ୍ର, ଉଦୟନାଥ ସାହୁ, ପ୍ରତାପ ଦାସ, ଆଡ଼ଭକେଟ ଦେବରାଜ ବେହେରା, ରାଧାକାନ୍ତ ସ୍ୱାଇଁ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ, ସଂଗ୍ରାମୀଙ୍କ ନାତୁଣୀ ସ୍ୱୟଂପ୍ରଭା ସାମଲ, ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ବାଲିପଡ଼ିଆ ଯୁବକସଂଘ ସଭାପତି ଦିଲ୍ଲୀପ କୁମାର ସାମଲ, ସମ୍ପାଦକ ସୁବାସ ଚନ୍ଦ୍ର ତ୍ରିପାଠୀ, ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମକୁ ସ୍ୱାଧିନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ କର୍ମକର୍ତ୍ତା ରାଜେଶ ପଣ୍ଡା, ଶ୍ରୀକାନ୍ତ ସାମଲ, ଜଗନ୍ନାଥ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟଦ ରାମଚନ୍ଦ୍ର ଶୁକ୍ଳ ଜ୍ୟୋତିକୁ ପ୍ରଜ୍ୱଳନ କରିଥିବାବେଳେ ବନ୍ଦରେଶ୍ୱରଠାରେ ସଂଗ୍ରାମୀ ଜଗନ୍ନାଥ ମାନଧାତା ସ୍ମୃତି ସଂସଦ, ସଂଗ୍ରାମୀ ଏକାଡ଼େମୀ, ବଡ଼ଚଣାଗାନ୍ଧୀ ବୃନ୍ଦାବନ ତ୍ରିପାଠୀ ସ୍ମୃତି ସଂସଦ ପକ୍ଷରୁ ସ୍ୱାଗତ କରାଯାଇଥିଲା । ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ବରୀ ବିଧାୟିକା ସୁନନ୍ଦା ଦାସ ଜ୍ୟୋତି ଶୋଭାଯାତ୍ରାରେ ସାମିଲ ହୋଇ ସଂଗ୍ରାମୀଙ୍କ ସମାଧିପୀଠ ବାଲିପଡ଼ିଆରେ ଜ୍ୟୋତି ସ୍ଥାପନ କରିଥିଲେ ।

## 'ଭକ୍ତି ଏକ ସମର୍ପିତ ଅଧ୍ୟାୟ' ଓ 'ବର୍ଣ୍ଣ ମାର୍ଜନ' ପୁସ୍ତକ ଲୋକାର୍ପିତ

କୁନ୍ଦଳ, ୮ ।୨(ସମିସ): ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଅଲୌକିକ ମହିମା ଓ କିମ୍ବଦନ୍ତୀର ପ୍ରଚାର ପ୍ରସାର ନିମନ୍ତେ ପ୍ରଚାର ପ୍ରସାର କମିଟି ଓ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ସ୍ମୃତି ସଂସଦ ଆନୁକୂଲ୍ୟରେ ମହାପୁରୁଷଙ୍କ ଶ୍ରୀଅରକ୍ଷିତ ଦାସଙ୍କ ୧୮୭ତମ ମହାପ୍ରୟାଣ ଦିବସ ପାହାଡ଼ର ଶୀର୍ଷଦେଶ ବଡ଼ଦାଣ୍ଡରେ ପାଳିତ ହୋଇଯାଇଛି । ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି ସାଧାରଣ ସମ୍ପାଦକ ନବକିଶୋର ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପ୍ରାକ୍ତନ ସାଂସଦ ତଥା ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡଃ ପ୍ରସନ୍ନ ପାଟଶାଣୀ, ବିଶିଷ୍ଟ ଅତିଥି ଭାବେ ସ୍ଥପତି ପଦ୍ମଶ୍ରୀ ଡଃ ପ୍ରଭାକର ମହାରଣା, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଶରଣାରବିନ୍ଦ ଓଝା, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିଳ୍ପୀ ରତ୍ନାକର ମହାରଣା, କେନ୍ଦ୍ରାପଡ଼ା ବଡ଼କୋଠାର ଯୁବରାଜ ସମ୍ବିଦ କୁମାର ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ମହାପୁରୁଷ ଅରକ୍ଷିତ ଦାସଙ୍କ ଅଲୌକିକ ଲୀଳା ଓ ଜୀବନୀ ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି ପକ୍ଷରୁ ସନ୍ଥ ଅରକ୍ଷିତ ଦାସଙ୍କ ଜୀବନୀ ଉପରେ ଆଧାରିତ ବହୁ ପୁସ୍ତକ ଦେଶର ୬୮ଟି ବିଶ୍ୱ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ଲାଇବ୍ରେରୀକୁ ପ୍ରଦାନ କରାଯାଇଥିବା କମିଟିର ସାଧାରଣ ସମ୍ପାଦକ ନବକିଶୋର ସାମଲ ପ୍ରକାଶ କରିଥିଲେ । ଏ ଅବସରରେ ପଦ୍ମଶ୍ରୀ ଡଃ ଶ୍ରୀନିବାସ ଉଦଗାତାଙ୍କ ଦ୍ୱାରା ରଚିତ 'ଭକ୍ତି ଏକ ସମର୍ପିତ ଅଧ୍ୟାୟ'ର ହିନ୍ଦୀ ଅନୁବାଦ ପୁସ୍ତକ ଓ ବିଜୟଲକ୍ଷ୍ମୀ ସାମଲଙ୍କ 'ବର୍ଣ୍ଣମାର୍ଜନ' ହିନ୍ଦୀ ଅନୁବାଦ ପୁସ୍ତକକୁ ମୁଖ୍ୟଅତିଥି କବି ଡଃ ପ୍ରସନ୍ନ ପାଟଶାଣୀ ଓ ଉପସ୍ଥିତ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ସୁକାନ୍ତ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମାଜସେବୀ ରୁଦ୍ରନାରାୟଣ ସିଂହ ଧନ୍ୟବାଦ ଦେଇଥିଲେ ।



## ଧରମପୁର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କଣ୍ଡଁଗୋଲା, ୮।୨(ସମିସ):** ଦଶରଥପୁର ବ୍ଲକ କଁଧ ପଞ୍ଚାୟତ ଧରମପୁର ସରକାରୀ ଉପ୍ରା ବିଦ୍ୟାଳୟ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମଲ୍ଲିକଙ୍କ ସଭାପତିତତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ଶିକ୍ଷା ମଣ୍ଡଳ ଅଧିକାରୀ ଅନ୍ନଦା ପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ରୋଶନ ଦାସ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ମଶାଲରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅତିଥି ଭାବେ ଜୟଚଣ୍ଡି ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ଖଗେଶ୍ୱର ସାହୁ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ଦୌଡ, ଅଖା ଦୌଡ, ପୁଞ୍ଚି, ଗଣିତ ଦୌଡ଼ ଆଦି ଖେଳରେ ଭାଗ ନେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୁବ୍ରତା ସେନାପତି ଖେଳ ପରିଚାଳନା କରିଥିଲେ। ଶେଷ ଦିବସରେ ୭ମ ଓ ୮ମ ଶ୍ରେଣୀ ପିଲାଙ୍କୁ ନେଇ ନାଟକ 'ଏତେ ଦୁଃଖ ଦେଲୁ କାହିଁ ଦଇବ' ମଞ୍ଚସ୍ଥ ହୋଇଥିଲା। ସହକାରୀ ଶିକ୍ଷକ ଦୁଃଶାସନ ସେଠୀ, ସହକାରୀ ଶିକ୍ଷୟିତ୍ରୀ ରଜନୀ ରାଣୀ ସାହୁ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥେଲ। ପରିଚାଳନା କମିଟି ଉପସଭାପତି ପଞ୍ଚାନନ୍ଦ ମଲ୍ଲିକ, ସଭ୍ୟସଭ୍ୟା ହିମାଂଶୁ ବାରିକ, କମଳା ମଲ୍ଲିକ, ଶ୍ରୀମତୀ ମାଝୀ, ସବିତାଲତା ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜେନାପୁରରେ ଡାକ ମେଳା




**କବାଟବନ୍ଧ, ୮।୨(ସମିସ):** ଭାରତୀୟ ଡାକ ବିଭାଗ ପକ୍ଷରୁ ଜେନାପୁର ଶାଖା ଡାକଘର ନିକଟସ୍ଥ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଗୁରୁବାର ଡାକ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ଯାଜପୁର ଡାକ ଅଧୀକ୍ଷକ ଶୁଭ୍ରକାଶ ନାୟକ, ଯାଜପୁରରୋଡ଼ ଡାକ ନିରୀକ୍ଷକ କୁମାର ଜେନା, ଆଇପିପିବି ସିନିୟର ମ୍ୟାନେଜର ଚିନ୍ତାମଣି ପାଗଡ଼, ଆଇପିପିବି ମ୍ୟାନେଜର ବିଟନ ଅରି, ଜେନାପୁର ଉପଡ଼ାକ ଘର ପୋଷ୍ଟମାଷ୍ଟର ସୁଶାନ୍ତ କର, ସ୍ଥାନୀୟ ସରପଞ୍ଚ ସିପାଲତା ମଲିକ ଯୋଗ ଦେଇଥିଲେ। ବିଭିନ୍ନ ଲାଭଦାୟକ ଯୋଜନା ଡାକ ଜୀବନ ବୀମା, ମହିଳା ସମ୍ମାନ ସଞ୍ଚୟ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଓ ଡାକ ବିଭାଗର ଅନ୍ୟାନ୍ୟ ସୁରକ୍ଷିତ ଜମା ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ ମେଳା ଯାଜପୁର ରୋଡ଼ ଓଭରସିଅର ଅନାମ ମୁଣ୍ଡା, ଅମୂଲ୍ୟ ବେହେରା ଓ କବାଟବନ୍ଧ ପୋଷ୍ଟ ମାଷ୍ଟର ଅରୁଣ ଦାସଙ୍କ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ ହୋଇଥିଲେ।

## ଜାରକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ଧର୍ମଶାଳା, ୮।୨(ସମିସ):** ଧର୍ମଶାଳା ବ୍ଲକ ଜାରକା ହାଇସ୍କୁଲରେ ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ନରେନ୍ଦ୍ର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଯୋଗଦେଇ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ ସହିତ ଖେଳକୁଦରେ ଭାଗ ନେବା ପାଇଁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ନିକୁଞ୍ଜ ମହାନ୍ତି, ଅତିଥି ଭାବେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଶତପଥୀ ଯୋଗଦେଇ କ୍ରୀଡାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ତିନିଦିନ ବ୍ୟାପି ଅନୁଷ୍ଠିତ ୧୦୦, ୨୦୦ ମିଟର ଦୌଡ, ଦୌଡ଼ ଡିଆଁ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟପୁଟ, ଡିସକସ ଥ୍ରୋ, ଅଖା ଦୌଡ, ଦୌଡି ଡିଆଁ, ମ୍ୟୁଜିକ ଚେୟାର, ମ୍ୟୁଜିକ ସାଇକଲ, ନୃତ୍ୟ ଓ ସଙ୍ଗୀତ ଆଦି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡ଼ାରେ ବିଚାରକ ଭାବେ ଖେଳ ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ, ସୁରେନ୍ଦ୍ର କୁମାର ନାୟକ, ବିନୋଦ କୁମାର ପରିଡ଼ା, ସୁରେନ୍ଦ୍ର କୁମାର ବେହେରା ଯୋଗ ଦେଇଥିଲେ। ବାଳିକା ବିଭାଗରେ ମୋନାଲିସା ରାଉତ, ବାଳକ ବିଭାଗରେ ସୁଜଲଜିତ ଜେନା ଚାମ୍ପିଅନ ହୋଇଥିଲେ। ବିଭିନ୍ନ କ୍ରୀଡାରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ସତ୍ୟବାଦୀ ସାହୁ ଅତିଥି ପରିଚୟ, ଶିକ୍ଷକ ସୁଜିତ ମହାନ୍ତି ସ୍ୱାଗତ ଏବଂ ଅଶୋକ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବୀଣାପାଣି ୟୁଥ୍ କ୍ଲବର ବାର୍ଷିକୋତ୍ସବ

**ଟମକା, ୮।୨(ସମିସ):** ଦାନଗଦି ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବୀଣାପାଣି ୟୁଥ୍ କ୍ଲବର ୪୧ତମ ରାଜେଶ ମେମୋରିଆଲ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶାର ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ମୁଖ୍ୟବକ୍ତା ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରାଣୀ ରାଉତ, ସମ୍ମାନିତ ଅତିଥି ଭାବେ କିଆଝରର ଆଦର୍ଶ ସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର, ବିଜେଡିର ବରିଷ୍ଠ ନେତା ବିପିନି ସେଠୀ, ଅଞ୍ଜନ ପ୍ରଧାନ, ପଞ୍ଚାନନ ଜେନା, ଗୁଣଧର ମହାନ୍ତ, ନରୋତ୍ତମ ବେହେରା, ଯୁବନେତା ସୁରେଶ ମହାନ୍ତ, ଜ୍ଞାନରଞ୍ଜନ ମହାପାତ୍ର, ଶିକ୍ଷାବିତ ବାବାଜୀ ଜେନା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶ୍ରୀ ଘଡ଼ାଇଙ୍କୁ ଟମକା ଛକରୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ନିଆଯାଇଥିଲା। ଏହି ସଭାରେ ନୃପମଣି ଦାସ ବିବରଣୀ ପାଠ କରିଥିଲେ। କ୍ଲବର ସଭାପତି ସୌମ୍ୟରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପୂର୍ବତନ ସରପଞ୍ଚ ଦ୍ୱାରିକାନାଥ ଦାସ ସଭା ପରିଚାଳନା କରିଥିଲେ। ସଭା ଆରମ୍ଭ ପୂର୍ବରୁ ସ୍ଥାନୀୟ ଯୁବ କଳାକାରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ କ୍ଲବର କିଷାନ ମୁଣ୍ଡା, ଦିଲ୍ଲୀପ ପ୍ରଧାନ, ମଦନ ତନ୍ତୀ, ରାଜେଶ ଦାସ, ମଦନ ଦାସ, ଗଣେଶ ଦାସ, ଜର୍ମାନୀ ଦାସଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

### ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି

# କଳିଙ୍ଗନଗର ଶିଳ୍ପାଞ୍ଚଳରେ ହେବ ମଲ୍ଟି ସ୍କିଲ୍ ସେଣ୍ଟର

**ଯାଜପୁର/ଦାନଗଦି, ୮।୨(ସମିସ)**

ରାଜ୍ୟରେ ନିଯୁକ୍ତିର ପର୍ଯ୍ୟାପ୍ତ ସୁଯୋଗ କରିବା ଲକ୍ଷ୍ୟରେ ଶିଳ୍ପାୟନକୁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ଥାନୀୟ ଅଞ୍ଚଳ ଯୁବକଯୁବତୀଙ୍କ ମଧ୍ୟରେ ଦକ୍ଷତା ବିକାଶ କରିବା ଲକ୍ଷ୍ୟରେ ମଲ୍ଟି ସ୍କିଲ ଡେଭେଲପମେଣ୍ଟ ସେଣ୍ଟର(ଏମଏସଡିସି) କରାଯିବ। ଏଥିପାଇଁ ଟାଟା ଷ୍ଟିଲ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇଙ୍କ ଉପସ୍ଥିତିରେ ଯାଜପୁରର ଦାନଗଦି ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ରାୟ ଭୁବନେଶ୍ୱରସ୍ଥ ବିଶ୍ୱ ଦକ୍ଷତା କେନ୍ଦ୍ରରେ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

ଏ ଅବସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷା ଅଳକା ମିଶ୍ର, ଟାଟା ଷ୍ଟିଲ ଫାଉଣ୍ଡେସନର ସିଏସ୍ଆର (ଓଡ଼ିଶା) ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, ଟାଟା ଷ୍ଟିଲ୍ ଫାଉଣ୍ଡେସନର ଦକ୍ଷତା ବିକାଶ ମୁଖ୍ୟ କ୍ୟାପଟେନ୍ ଅମିତାଭ ପ୍ରମୁଖ ଉପସ୍ଥିତ ଥିଲେ। ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଶିଳ୍ପଭିତ୍ତିକ ପ୍ରଶିକ୍ଷଣ ପାଠ୍ୟକ୍ରମ ପ୍ରଦାନ କରିବା ଲକ୍ଷ୍ୟରେ ଦାନଗଦି ଓ ସୁକିନ୍ଦା ବ୍ଲକର ଅବହେଳିତ ସମାଜର ଯୁବକଯୁବତୀଙ୍କୁ ଏମ୍‌ଏସ୍‌ଡିସି ଉପକୃତ କରିବ। ଏହି ଚୁକ୍ତି ଅନୁଯାୟୀ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଓଡ଼ିଶା ସରକାରଙ୍କ ସହ ମିଶି ଯାଜପୁରର ଦାନଗଦି ବ୍ଲକରେ ସ୍ୱଳ୍ପକାଳୀନ ଦକ୍ଷତା ପ୍ରଶିକ୍ଷଣ ପାଠ୍ୟକ୍ରମ ପାଇଁ ଆବଶ୍ୟକ ଭିତ୍ତିଭୂମି ସ୍ଥାପନ କରିବ। ଟାଟା ଷ୍ଟିଲ ଫାଉଣ୍ଡେସନର ସିଇଓ ସୌରଭ ରାୟ କହିଛନ୍ତି, ଏମ୍‌ଏସ୍‌ସି ପ୍ରତିଷ୍ଠାର ଉଦ୍ଦେଶ୍ୟ ହେଉଛି ଯୁବକଙ୍କୁ ଯେଉଁଠାରେ ସବୁଠାରୁ ଅଧିକ ଆବଶ୍ୟକ ସେଠାରେ ନିଯୁକ୍ତି ସୁଯୋଗ ଉପଲବ୍ଧ କରାଇବା। ଯୁବବର୍ଗଙ୍କ ଆର୍ôଥକ ଭାବେ ସ୍ୱାବଲମ୍ବୀ ହେବାର ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ ଏହି ସୁବିଧା ରଖାଯାଇଛି। କେନ୍ଦୁଝର ଜିଲ୍ଲା ବଂଶପାଳସ୍ଥ ଶିଳ୍ପ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଆଇଟିଆଇ), ସୁକିନ୍ଦା ଓ ଗୋପାଳପୁରରେ ପ୍ରତିଷ୍ଠା ହୋଇଥିବା ଅନ୍ୟାନ୍ୟ ଦକ୍ଷତା ବିକାଶ ଅନୁଷ୍ଠାନ ଓ ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ଏମ୍‌ଏସ୍‌ଡିସି ଯୁବପିଢ଼ିଙ୍କୁ ସେମାନଙ୍କ ପ୍ରତିଭା ସହ ଯୋଡ଼ି ହୋଇଥିବା ନିଯୁକ୍ତି ହାସଲ କରିବାରେ ସହାୟକ ହେବ। ଏମ୍‌ଏସ୍‌ଡିସି ସ୍ଥାନୀୟ ଯୁବକଙ୍କ ଆବଶ୍ୟକତା ଅନୁଯାୟୀ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ କରିବ ଓ ସମ୍ପୂର୍ଣ୍ଣ ହେବା ପରେ ନିଯୁକ୍ତି ଯୋଗାଇ ଦିଆଯିବ। ଏହାବ୍ୟତୀତ ଏହା କାଉନସେଲିଂ ପ୍ରଦାନ କରିବ, ଉଦ୍ୟୋଗକୁ ପ୍ରୋତ୍ସାହିତ କରିବ ଓ ନିଯୁକ୍ତି ସହାୟତା ବୃଦ୍ଧି ପାଇଁ ଇଂରାଜୀ ଦକ୍ଷତା, ସଫ୍ଟ ସ୍କିଲ୍ ଓ ଡିଜିଟାଲ୍ ସାକ୍ଷରତା ଭଳି ମୌଳିକ ଦକ୍ଷତା ବିକାଶ ଉପରେ ଧ୍ୟାନ ଦେବ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ପ୍ରଶିକ୍ଷଣ ଓ ସଚେତନତା ପ୍ରଦାନ ପାଇଁ ଏହି କେନ୍ଦ୍ରରେ ଏକ ସ୍ୱତନ୍ତ୍ର ପରୀକ୍ଷାଗାର ରହିବ ବୋଲି ଜଣାପଡ଼ିଛି।

### ରାଜ୍ୟ ସରକାର ଓ ଟାଟା ଷ୍ଟିଲ୍ ମଧ୍ୟରେ ବୁଝାମଣା



## ମଧୁପୁର ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ବାରବାଟୀ, ୮।୨(ସମିସ)**



ରସୁଲପୁର ବ୍ଲକର ପୁରାତନ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ମିଳିଛି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲାର ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାରକୁ ବିଦ୍ୟାଳୟର ଶିକ୍ଷକ ଧୀରେନ୍ଦ୍ର କୁମାର ସାହୁ ଗ୍ରହଣ କରିଥିଲେ। ଏଥିସହିତ ଜିଲ୍ଲାର ଶ୍ରେଷ୍ଠ ପରିଚାଳନା କମିଟି ପୁରସ୍କାର କଳାକାର ନାୟକ, ଶ୍ରେଷ୍ଠ ପ୍ରଧାନ ଶିକ୍ଷକ କୁଳମଣି ପଣ୍ଡା, ଶ୍ରେଷ୍ଠ ଇଂରାଜୀ ଶିକ୍ଷୟିତ୍ରୀ ମମତା ମହାନ୍ତି, ବ୍ଲକସ୍ତରୀୟ ମୁଖ୍ୟମନ୍ତ୍ରୀ ଛାତ୍ର ଶିକ୍ଷା ପୁରସ୍କାର ମଧୁମିତା ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଏ ଉପଲକ୍ଷେ ୫ ତାରିଖରେ ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧୀନରେ ଥିବା ବିଦ୍ୟାଳୟରୁ କାର୍ଯ୍ୟରତ ୩ ଜଣ ଶିକ୍ଷା ଅଧିକାରୀ, ୧୪ ଜଣ ସିଆରସିସି, ପ୍ରଧାନ ଶିକ୍ଷକ, ବିଜ୍ଞାନ ଶିକ୍ଷକ ମାନେ ମଧୁପୁର ବିଦ୍ୟାଳୟ ପରିଦର୍ଶନରେ ଯାଇ ବିଦ୍ୟାଳୟର ପ୍ରତ୍ୟେକ ରୂପାନ୍ତିକରଣର ଇ-ଲାଇବ୍ରେରୀ, ସମର କ୍ଲାସ ରୁମ୍, ମଡେଲ କିଚେନ୍, ଫୁଲ ବଗିଚା ଓ ବିଦ୍ୟାଳୟର ଐତିହାସିକ ପୁରୁଣା ସ୍ମୃତିକୁ ବୁଲି ଦେଖିବା ସହ ମଧୁପୁର ରାଜାଙ୍କ ଦ୍ୱାରା ନିର୍ମିତ ଗୃହକୁ ପରିଦର୍ଶନ କରି ଅତୀତର ସ୍ମୃତି ରୋମନ୍ଥନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଏନ୍‌ସିସି ଛାତ୍ରଛାତ୍ରୀ ସହଯୋଗ କରିଥିଲେ।



ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ଯାଜପୁର ଜିଲ୍ଲାସ୍ତରୀୟ ଇଂରାଜୀ ବକ୍ତୃତା (ମାଧ୍ୟମିକ ସ୍ତର) ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଯାଜପୁର ଟାଉନ୍ ସନ୍ ପବ୍ଲିକ୍ ସ୍କୁଲର ଅନୁଷ୍କା ବିଶ୍ୱାଳ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି

## ଛତିଆ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା




**ଛତିଆ, ୮।୨(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୬ ତାରିଖରୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏ ପରିପ୍ରେକ୍ଷୀରେ ବଡଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚମ୍ପାପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ବାସୁଦେବ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ପଲ୍ଲୀ ମଙ୍ଗଳ ସଭାପତି ସଞ୍ଜୟ ସ୍ୱାଇଁ, ଅମର ମହାନ୍ତି, ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଦ୍ୱାରା ପୁରସ୍କୃତ ହୋଇଥିବା ଜିଲ୍ଲାର ଶ୍ରେଷ୍ଠ ସିଆରସିସି ରଶ୍ମୀରଞ୍ଜନ ଷେଣ୍ଟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହିତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାବଲମ୍ବୀ ହୋଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। କୁମାର ଗୋବିନ୍ଦ ଓ ତାଙ୍କ ସାଥି ସଙ୍ଗୀତ ପରିବେଷଣ ଓ କୁନି କୁନି କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛତିଆ ସମିତି ସଭ୍ୟ ଦୀପକ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ସନ୍ଧ୍ୟାରାଣୀ ମଲିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଭାଗ୍ୟଧର ମଲିକ, ରଞ୍ଜିତା ସାହୁ, ସାମାଜିକ କର୍ମୀ ମାଧବାନନ୍ଦ ମହାପାତ୍ର, ଧୀରେନ୍ଦ୍ର ବେହେରା, କପିଳ ରାଉତ, ପ୍ରଦୋଷ ନାଥ, ସର୍ବେଶ୍ୱର ରାଉଳ, ଦିଲ୍ଲୀପ ରଣା ଓ ବହୁ ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଦୁଇ ଲୁଟେରାଙ୍କୁ ଉଠାଇ ନେଲା ପୁଲିସ

**ପ୍ରୀତିପୁର, ୮।୨ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନରେ ଏକ ଲୁଟ ଘଟଣାରେ ସମ୍ପୃକ୍ତ ଥିବା ଦୁଇଜଣ ଅଭିଯୁକ୍ତଙ୍କୁ ଆଜି ପଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ବିଞ୍ଝାରପୁର ଅଞ୍ଚଳରୁ ଗିରଫ କରିଛି। ଜଣଙ୍କ ଘର କବାଟ ଭାଙ୍ଗି ଭୟଭୀତ କରି ଲୁଟ କରିଥିଲେ। ଏ ନେଇ ଲୁଟର ଶିକାର ହୋଇଥିବା ବ୍ୟକ୍ତି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସର ଏକ ଟିମ ଗତକାଲି ରାତିରେ ବିଞ୍ଝାରପୁର ଥାନା ଅନ୍ତର୍ଗତ ମାଁସଡା ଅଞ୍ଚଳର ଜ୍ୟୋତି ପ୍ରକାଶ ଦାସ ଓ ଫତେପୁର ପଞ୍ଚାୟତ ବଂଶୀପୁର ଗ୍ରାମର ସୁଦାମ ସାହୁଙ୍କୁ ଉଠାଇ ନେଇଥିବା ଜଣାପଡ଼ିଛି। ଏଥିସହିତ ଏହି ଲୁଟ ଘଟଣାରେ ବ୍ୟବହାର ହୋଇଥିବା ଏକ ମାରୁତି କାର୍‌କୁ ମଧ୍ୟ ଜବତ କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

## ନିଖିଳ ଓଡ଼ିଶା ପାଚକପାଚିକା ସଂଘର କେନ୍ଦ୍ର ବିରୁଦ୍ଧରେ ବିକ୍ଷୋଭ

**ଯାଜପୁର ଟାଉନ, ୮।୨(ସମିସ)**

ନିଖିଳ ଓଡ଼ିଶା ପାଚକ ପାଚିକା ସଂଘ ନିଜର ୧୦ ଦଫା ସମ୍ମିଳିତ ଦାବି ନେଇ ଯାଜପୁର ସହରର ରାମ ମନ୍ଦିର ନିକଟରୁ ଏକ ବିରାଟ ପଟୁଆରରେ ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟକୁ ଆସିଥିଲେ। ଏହି ଶୋଭାଯାତ୍ରାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୫୦୦ରୁ ଊର୍ଦ୍ଧ୍ୱ ପାଚକ ପାଚିକା ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ନାରାବାଜି କରିବା ସହିତ ରାଜ୍ୟ ସରକାରଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଥିଲେ। ମୁଖ୍ୟ ଦାବି ମଧ୍ୟରେ ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ପାଚକ ପାଚିକାଙ୍କୁ ନିଯୁକ୍ତିପତ୍ର ପ୍ରଦାନ, ଓଡ଼ିଶା ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ଦୈନିକ ମଜୁରି ୩୩୧.୦୦ ଟଙ୍କା ପ୍ରଦାନ କରିବାକୁ ଦାବି ରଖିଥିଲେ। ୨୦୧୮ରୁ ୨୦୦୦ ବର୍ଦ୍ଧିତ ଦରମା ହାରରେ କେନ୍ଦ୍ର ସରକାର ଦେବାକୁ ଥିବା ପ୍ରତ୍ୟେକ ପାଚକ ପାଚିକାକୁ ୩୬, ୦୦୦ ଟଙ୍କା ପ୍ରଦାନ କରାଯାଉ। ଏମାନଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା ଦିଆଯାଉ। ପାଚକ ପାଚିକାଙ୍କ ଚିକିତ୍ସା ଭତ୍ତା ସହ ଜୀବନ ବୀମା ସୁବିଧା କରାଯାଉ। ବିଦ୍ୟାଳୟରେ ୮ ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିବାରୁ ଏମାନଙ୍କୁ ଦୈନିକ ମଜୁରିଆ ମାନ୍ୟତା ଦିଆଯାଇ ଭବିଷ୍ୟନିଧି ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ କାର୍ଯ୍ୟରୁ ଅବ୍ୟାହତ ପରେ ପେନସନ ଲାଗୁ କରାଯାଉ। ଖରା ଛୁଟିରେ ଦରମା ଦେବାକୁ ନିଖିଳ ଓଡ଼ିଶା ପାଚିକା ସଂଘ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ଶ୍ରମିକ ନେତା ପ୍ରଦୀପ ନାୟକ, ବିଜୁ ଶ୍ରମିକ ସାମ୍ମୁଖ୍ୟ ବିଜନ ରଥ, ରାଜ୍ୟ ସାଧାରଣ ସମ୍ପାଦକ କାର୍ତ୍ତିକ ସା ଓ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସରୋଜିନୀ କୁମାରୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ମର୍ଜିତାପୁର ପଞ୍ଚାୟତ

# ନିର୍ମାଣାଧୀନ ପାର୍କରେ ପରିବା ଚାଷ

**କବାଟବନ୍ଧ, ୮।୨(ସମିସ)**



ଗ୍ରାମାଞ୍ଚଳରେ ଲୋକଙ୍କ ପାଇଁ ସହରର ଅନୁଭବ ଆଣିବା ତଥା ଆମୋଦ ପ୍ରମୋଦ ଓ ମନୋରଞ୍ଜନ ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀ ଏହାକୁ ଠିକ୍ ଭାବେ ପାଳନ କରୁ ନ ଥିବା ଦେଖିବାକୁ ମିଳୁଛି। ଯଦ୍ୱାରା ସରକାରଙ୍କ ମୂଳ ଲକ୍ଷ୍ୟ ବାଟବଣା ହେବା ସହିତ ଲୋକଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି ହେଉଛି।

ଧର୍ମଶାଳା ବ୍ଲକ ମର୍ଜିତାପୁର ପଞ୍ଚାୟତରେ ପାର୍କ ନିର୍ମାଣ ପାଇଁ ସରକାରୀ ଅନୁଦାନ ମିଳିଛି। ଏହାକୁ ନିର୍ମାଣ ପାଇଁ ମର୍ଜିତାପୁର ହିଙ୍ଗୁଳା ପଡ଼ିଆ ନିକଟ କଲ୍ୟାଣ ମଣ୍ଡପ ପାଖରେ ସ୍ଥାନ ଚିହ୍ନଟ କରାଯାଇ କାମ ଆରମ୍ଭ ହୋଇଛି। ସରକାରୀ ନିୟମ ଅନୁଯାୟୀ ହେଉଥିବା କାମର ସମ୍ପୂର୍ଣ୍ଣ ବିବରଣୀ ତଥା କାର୍ଯ୍ୟର ନାମ, ଆର୍ôଥକ ବର୍ଷ, ଅଟକଳ, କାର୍ଯ୍ୟ ଆରମ୍ଭ, ଶେଷ ଆଦି ସର୍ବସାଧାରଣଙ୍କ ଜାଣିବା ପାଇଁ ଏକ ସୂଚନା ଫଳକ ବାମତାମୂଳକ ରହିବା କଥା। କିନ୍ତୁ ଏଠାରେ ତାହା ଦେଖିବାକୁ ମିଳୁନାହିଁ କିମ୍ବା ଲୁଚେଇ ଦିଆଯାଇଛି। ଏହାର ଚାରି ପଟ ସୁରକ୍ଷା ପାଚେରି, ପ୍ରବେଶ ଦ୍ୱାରରେ ବଡ଼ ଗେଟ, ଏକ ଗଭୀର ବୋରିଂ ଖୋଳାଯିବା ସହିତ ସୌନ୍ଦର୍ଯ୍ୟକରଣ ପାଇଁ ଷ୍ଟିଲ ରେଲିଂ ଆଦି ଲାଗିଛି। ଏହାର ଉତ୍ତର ପଶ୍ଚିମ କୋଣରେ ୪ଟି ଶୌଚାଳୟ ମଧ୍ୟ ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି। ଏହି ପାର୍କରେ ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ରଙ୍ଗୀନ ଫୁଲ ଗଛ, ଘାସ ଗାଲିଚା, ଶିଶୁଙ୍କ ପାଇଁ ଦୋଳି, ପଶୁ ପକ୍ଷୀଙ୍କ ପ୍ରତିମୂର୍ତ୍ତି ଆଦି ରହିବା ପାଇଁ ଉଦ୍ଦିଷ୍ଟ ଥାଏ। ତେବେ ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟ ଅନୁସାରେ ଉକ୍ତ ପାର୍କର ଅଟକଳ ମୂଲ୍ୟ ୧୦ ଲକ୍ଷ ଟଙ୍କା ରହିଛି। ଏଠାରେ ମାତ୍ର ୪୫ ହଜାର ୯ ଶହ ୫୪ ଟଙ୍କା ଖର୍ଚ୍ଚ କରାଯାଇଛି। ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟକୁ ଦେଖିଲେ ଏଥିରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ଅନୁମାନ କରାଯାଉଛି। ଏଠାରେ କୌଣସି ଫୁଲ ଗଛ କିମ୍ବା ମନୋରଞ୍ଜନ ଉପକରଣ ଲଗାଯାଇନାହିଁ। ଏହା ଏବେ ନିର୍ମାଣଧୀନ ରହିଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁଁ ନିର୍ମାଣଧୀନ ପାର୍କ କାର୍ଯ୍ୟକୁ ଆଗକୁ ନ ବଢ଼ାଇ ଏଠାରେ ପରିବା ଚାଷ କରାଯାଇଛି। ଆଳୁ, ବୋଇତାଳୁ, ବାଇଗଣ, ଲଙ୍କା, ଧନିଆ, କୋବି ସହିତ ବିଭିନ୍ନ ପ୍ରକାର ଶାଗ ଆଦି ଚାଷ କରାଯାଇଛି। ଫଳରେ ସରକାରଙ୍କ ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ବିଭାଗୀୟ ଅଧିକାରୀ ସରକାରୀ ନିର୍ଦ୍ଦେଶକୁ ଏଭଳି ଅଣଦେଖା ତଥା ବେଖାତିର ମନୋଭାବ ଦ୍ୱାରା ପ୍ରବଳ ଜନଅସନ୍ତୋଷ ଦେଖାଦେଇଛି। ବେଆଇନ ଭାବେ ହେଉଥିବା ପରିବା ଚାଷ କିଏ ଓ କାହିଁକି କରୁଛନ୍ତି, ଏଥିପାଇଁ କାହାଠାରୁ ଅନୁମତି ପାଇଛନ୍ତି ତାହା ତଦନ୍ତ ସାପେକ୍ଷ। ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ତୁରଙ୍ଗରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ




**ଚଢ଼େଇଧରା, ୮।୨ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ସମ୍ପାରୁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ପାରୁ ସରପଞ୍ଚ ଶରତ ରାଉତଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବ୍ଲକ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ୧୨ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ପ୍ରଣତି ଲେଙ୍କା, ୧୨ନଂ ଜୋନ୍ ସଂଯୋଜକ ପ୍ରହ୍ଲାଦ ଲେଙ୍କା, ମହିଶରାର ପୂର୍ବତନ ସରପଞ୍ଚ ଚକ୍ରଧର ବେହେରା, ସମ୍ପାରୁ ପିଏସ୍ ମେମ୍ବର ବିକାଶ ଖଟୁଆ, ସୁଲେଖା ଚନ୍ଦ୍ର ନାୟକ, ଭାରତ ଚନ୍ଦ୍ର ଜେନା, ସୁନାକର ରାଉତ ଓ ଅଭିରାମ ସାମଲ, ଅନୀଲ କୁମାର ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକାର ଯୋଜନା ସମ୍ପର୍କରେ ଲୋକଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ବିଧାୟକ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। '୫-ଟି' ସ୍କୁଲରେ ରୂପାନ୍ତୀକରଣ, ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ କିପରି ଲୋକେ ଉପକୃତ ହେଉଛନ୍ତି, ଜଗନ୍ନାଥ ସଂସ୍କୃତି ସଂରକ୍ଷଣ, ଧାର୍ମିକ ସ୍ଥଳୀର ରୂପାନ୍ତୀକରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମି ବିକାଶ, କ୍ରୀଡ଼ା ଭିତ୍ତିଭୂମିର ବିକାଶ ଉପରେ ଆଲୋଚନା କରିଥିଲେ।

